ଆଜି - ସୋମବାର
ତାରିଖ - ୨୩ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୦୯
ତିଥି - ପଂଚମୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - କୃତିକା, ବୃଷ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୫୭: ୦୦
ସୂର୍ଯ୍ୟାସ୍ତ - ୫ : ୫୫ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.theajikali.com

Vol.- 40 ISSUE- 338 R.N.I. REGD. No. 44026/86 ବାଲେଶ୍ୱର ୨୩ ମାର୍ଚ୍ଚ ୨୦୨୬ ସୋମବାର BALASORE 23 MARCH 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"ବିଶ୍ୱରେ ଏତେ ପରିମାଣରେ ଲୋକମାନେ ଭୋକିଲା ରହିଛନ୍ତି ଯେ ସେମାନଙ୍କ ପାଇଁ ଖାଦ୍ୟ ହିଁ କେବଳ ଈଶ୍ୱର, ଆଉ କେହି ନୁହନ୍ତି ।"
– ମହାତ୍ମା ଗାନ୍ଧି



ଫକୀରମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିରରେ ନବରାତ୍ରର ଚତୁର୍ଥ ଦିବସରେ ମା'ଙ୍କ 'କୁଷ୍ମାଣ୍ଡା' ବେଶ ।।

## ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟକୁ ନେଇ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ଜାରି ସଙ୍କଟକୁ ନେଇ କେନ୍ଦ୍ର ସରକାର ଲଗାତାର ଆଲର୍ଟ ମୋଡରେ ରହିଛନ୍ତି । ବାରମ୍ବାର ବଦଳୁଥିବା ସ୍ଥିତିକୁ ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି । ଉକ୍ତ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ପେଟ୍ରୋଲିୟମ, ଅଶୋଧିତ ତୈଳ, ଗ୍ୟାସ୍, ବିଦ୍ୟୁତ୍ ଓ ଫର୍ଟିଲାଇଜର ସେକ୍ଟର ସହ ଜଡ଼ିତ ସ୍ଥିତିର ସମୀକ୍ଷା କରିବା । ଏହା ବ୍ୟତୀତ ଅଧିକାରୀଙ୍କୁ ସାରାଦେଶରେ ଏହି ଜରୁରୀ ଜିନିଷର ସହଜ ଯୋଗାଣରେ ବିଶେଷ ଧ୍ୟାନ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ ସୂତ୍ରାନୁସାରେ, ସରକାର ସାରା ଦେଶରେ ଶକ୍ତି ସପ୍ଲାଇ ସୁରକ୍ଷିତ କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଉଛନ୍ତି । ପିଏମଙ୍କ ଠାରୁ ନେଇ ବରିଷ୍ଠ ଅଧିକାରୀ ସମସ୍ତେ ଏହି ମାମଲାରେ ନିରନ୍ତର ନଜର ରଖିଛନ୍ତି । ଦେଶରେ ଗ୍ୟାସ୍ ଓ ତୈଳର ଯୋଗାଣ ନିରନ୍ତର ଜାରି ର, ଏହା ମାମଲାରେ କାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନର ରାଷ୍ଟ୍ରପତିଙ୍କ ସହ ମଧ୍ୟ କଥା ହୋଇଥିଲେ ।ଏହି କଥାବାର୍ତ୍ତା ବେଳେ ଉଭୟ ନେତା ଶାନ୍ତି , ସୁରକ୍ଷା ଓ ମୁକ୍ତ ବାଣିଜ୍ୟକୁ ନେଇ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ଏହି କଥାବାର୍ତ୍ତା ବେଳେ ଉପସାଗରୀୟ ଅଂଚଳର ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଉପରେ ହୋଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରିଥିଲେ । ସେ କହିଥିଲେ ଯେ, ଏମିତି କାର୍ଯ୍ୟାନୁଷ୍ଠାନ ଆଂଚଳିକ ସ୍ଥିରତା ପାଇଁ ବଡ଼ ବିପଦ ଓ ବିଶ୍ୱ ସପ୍ଲାଇ ଶୃଙ୍ଖଳାକୁ ମଧ୍ୟ ପ୍ରଭାବିତ କରିଥାଏ । ଏହି ଯୁଦ୍ଧ ବେଳେ ଉଭୟ ରାଷ୍ଟ୍ରାଧ୍ୟକ୍ଷଙ୍କ ମଧ୍ୟରେ ଏହା ଦ୍ୱିତୀୟ କଥାବାର୍ତ୍ତା ଥିଲା । ଏହା ପୂର୍ବରୁ ହୋଇଥିବା କଥାବାର୍ତ୍ତା ପରେ ଇରାନ ଭାରତର ଦୁଇଟି ଜାହାଜକୁ ହୋର୍ମୁଜରୁ ସୁରକ୍ଷିତ ବାହାରିବାରେ ସାହାଯ୍ୟ କରିଥିଲା ।

## ରାଜ୍ୟସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ ୨୦୨୬କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ରାଜ୍ୟ ସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ ୨୦୨୬ ଆଜି ସ୍ଥାନୀୟ ଲୋକସେବା ଭବନ କନଭେନଶନ ସେଂଟରଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ସୂଚନା ଯୋଗ୍ୟ ଯେ, ରବିବାର ମୁଖ୍ୟମନ୍ତ୍ରୀ ସମୁଦାୟ ୨୬୧୨ କୋଟି ଟଙ୍କାର ବହୁମୂଲ୍ୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିମଧ୍ୟରୁ ପ୍ରାୟ ୨୨୯୨ କୋଟି ଟଙ୍କାର ୧୭ ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୩୨୦ କୋଟି ଟଙ୍କାର ବ୍ୟୟ ବରାଦରେ ସମୁଦାୟ ୧୨୪ ଟି ପ୍ରକଳ୍ପର ଶୁଭ ଉଦଘାଟନ ହୋଇଛି । ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ମୂଲ୍ୟ । ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଶ୍ୱ ଜଳ ଦିବସରେ ଜଳ ଅପଚୟ ନ କରିବାର ବାର୍ତ୍ତା ପ୍ରତିଟି ଘରେ ପହଂଚିବା ଦରକାର । ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଂଟେଇବାର ଶିକ୍ଷା ଦେବାକୁ ପଡ଼ିବ କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ । ଆମେ ପାଣି ନଷ୍ଟ କରିବା ନାହିଁ ଏବଂ ବର୍ଷାପାଣିକୁ ସଂଚୟ କରି ମାଟିକୁ ସଜଳ ରଖିବା ବାର୍ତ୍ତା ସହ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ଆରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନକୁ ଏକ ବୈପ୍ଲବିକ ଯୋଜନା ବୋଲି କହି ମୁଖ୍ୟମନ୍ତ୍ରୀ ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳାଭାବକୁ ଦୂର କରିବା ବୋଲି ସଂକଳ୍ପ ନେବା ବୋଲି କହିଥିଲେ ।ଜଳ ଶକ୍ତି ଅଭିଯାନ ମାଧ୍ୟମରେ ଜଳ ସଂରକ୍ଷଣକୁ ଏକ ଜାତୀୟ ପ୍ରାଥମିକତା ଭାବେ ଗ୍ରହଣ କରିବା ଏବଂ ଉଦବସ୍ତମଷ ସ୍ତଷର ଜବସଭ ମାଧ୍ୟମରେ ମହିଳାମାନଙ୍କୁ ଜଳ ଗୁଣବତା ପରୀକ୍ଷା ଏବଂ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି । ଏହା ଫଳରେ ଜଳ ସେବା କ୍ଷେତ୍ରରେ ଆମେ କୌଣସି ବି ବର୍ଗଙ୍କୁ ପଛରେ ପକାଇବୁ ନାହିଁ ଏବଂ ସମସ୍ତଙ୍କ ପାଇଁ ସୁଲଭ ଜଳ ଉପଲବ୍ଧ ହେବ । ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଜଳ ସୁରକ୍ଷା ହେଉଛି ପ୍ରମୁଖ ସର୍ତ୍ତ । ଏଥିପାଇଁ ମହିଳା ଏବଂ ସ୍ୱଂୟ ସହାୟକ ଗୋଷ୍ଠୀ ଗୁଡିକୁ ଜଳସାଥୀ ଭାବେ ନିୟୋଜିତ କରାଯାଇଛି ।

## ବିହାର ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିହାର ଦିବସ ଅବସରରେ ଦେଶ-ବିଦେଶରେ ବସବାସ କରୁଥିବା ବିହାରବାସୀଙ୍କୁ ଶୁଭକାମନା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଦେଶ-ବିଦେଶରେ ବସବାସ କରୁଥିବା ବିହାରର ସମସ୍ତ ଲୋକଙ୍କୁ ବିହାର ଦିବସର ହାର୍ଦ୍ଦିକ ଶୁଭେଚ୍ଛା । ବିଶ୍ୱର ପ୍ରଥମ ଗଣତନ୍ତ୍ର ହେବା ସହିତ, ଗୌରବଶାଳୀ ସାମ୍ରାଜ୍ୟ ଏବଂ ମହାନ ସାଂସ୍କୃତିକ-ଆଧ୍ୟାତ୍ମିକ ଧାରା ଗୁଡିକୁ ଜନ୍ମ ଦେଇଥିବା ଏହି ମାଟି ବିଭିନ୍ନ କ୍ଷେତ୍ରରେ ଅବଦାନ ଦେଇ, ଭାରତ ଭୂମିକୁ ସଦା ସର୍ବଦା ସମୃଦ୍ଧ କରିଛି । , ରାଜ୍ୟର ନିବାସୀମାନେ ନିଜର ଅସୀମ ପ୍ରତିଭା ଓ ପରିଶ୍ରମ ଦ୍ୱାରା ବିହାର ଏବଂ ସମସ୍ତ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ । ମୁଁ ରାଜ୍ୟର ସମସ୍ତ ନିବାସୀଙ୍କର ସୁବର୍ଣ୍ଣଭବିଷ୍ୟତ ପାଇଁ ମଙ୍ଗଳକାମନା କରୁଛି ।

## ଅଳ୍ପରେ ଖବର

▸▸ କଣ୍ଠଶିଳ୍ପୀ ଦୀପ୍ତିରେଖାଙ୍କ ଭଜନ 'ଦୁର୍ଗତି ନାଶିନୀ ମା'ର ଭିଡିଓକୁ ସେୟାର କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଚୈତ୍ର ନବରାତ୍ରୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ସୋସିଆଲ୍ ମିଡିଆ ପେଜରେ ଏହି ଭକ୍ତିମୟ ଓଡ଼ିଆ ଗୀତର ୟୁଟ୍ୟୁବ୍ ଲିଙ୍କ୍ ସେୟାର କରିଛନ୍ତି ।

▸▸ ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରି ଜିଲ୍ଲାରେ ଅପମିଶ୍ରିତ ଏବଂ ବିଷାକ୍ତ କ୍ଷୀରର ଭୟଙ୍କର ଘଟଣା ପୁରା ଦେଶକୁ ଦୋହଲାଇ ଦେଇଛି । ରିପୋର୍ଟ ଅନୁସାରେ, ବିଷାକ୍ତ କ୍ଷୀର ପିଇ ୧୬ ଜଣଙ୍କର ମୃତ୍ୟୁ ହୋଇଛି ।

▸▸ କତାରର ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ଘଟିଛି । ପାରସ୍ୟ ଉପସାଗରର ଦେଶର ଜଳସୀମାରେ ଏହି ଦୁର୍ଘଟଣା ଘଟିଛି । ଜଣେ ବ୍ୟକ୍ତି ନିଖୋଜ ଥିବା କାତାରର ଗୃହ ମନ୍ତ୍ରଣାଳୟ କହିଛି ।

▸▸ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ମାର୍ଚ୍ଚ ୨୩ ରେ ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଖଣିଜ ବ୍ଲକ ପାଇଁ ନିଲାମର ସପ୍ତମ ପର୍ଯ୍ୟାୟ ଆରମ୍ଭ କରିବେ ।

## ଅହମ୍ମଦାବାଦ ଓଡ଼ିଆ ପ୍ରବାସୀ ସମ୍ମିଳନୀରେ ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର : ଅହମ୍ମଦାବାଦରେ ଚାଲିଥିବା 'ଓଡ଼ିଶା ପର୍ବ'ର ଦ୍ୱିତୀୟ ଦିବସ ଅବସରରେ ଏକ ହୃଦୟସ୍ପର୍ଶୀ ଓଡ଼ିଆ ପ୍ରବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ଗୁଜରାଟର ବିଭିନ୍ନ ପ୍ରାନ୍ତରେ ରହୁଥିବା ଓଡ଼ିଆ ସମ୍ପ୍ରଦାୟର ସଦସ୍ୟମାନେ ଏକତ୍ରିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦେବ ପ୍ରସାଦ ଦାଶ, ଅବସରପ୍ରାପ୍ତ ଆଇଏଏସ୍ ଶ୍ରୀ ମହେଶ୍ୱର ସାହୁ ଏବଂ ଅହମ୍ମଦାବାଦ ଓଡ଼ିଆ ସାମାଜିକ ସାଂସ୍କୃତିକ ସଂଘର ସଭାପତି ଶ୍ରୀ ଏଚ୍.କେ. ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ପରିଡା ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ବୃଦ୍ଧି ପାଉଥିବା ସମନ୍ୱୟ ଉପରେ ଆଲୋକପାତ କରିଥିଲେ । ସଂସ୍କୃତି, ବାଣିଜ୍ୟ, ପର୍ଯ୍ୟଟନ ଏବଂ ଗୋଷ୍ଠୀଗତ ବିକାଶ କ୍ଷେତ୍ରରେ ସହଯୋଗର ଅନେକ ସମ୍ଭାବନା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । 'ଓଡ଼ିଶା ପର୍ବ' କେବଳ ଏକ ସାଂସ୍କୃତିକ ପ୍ରଦର୍ଶନୀ ନୁହେଁ, ବରଂ ଏହା ଦୁଇ ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ପାରସ୍ପରିକ ବୁଝାମଣା ବୃଦ୍ଧି କରିବା ପାଇଁ ଏକ ସକ୍ରିୟ ମାଧ୍ୟମ ବୋଲି ସେ ମତ ପ୍ରକାଶ କରିଥିଲେ । ଏହିଭଳି ପଦକ୍ଷେପ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ସ୍ଥାୟୀ ସମ୍ପର୍କ ଗଠନ କରିବାରେ ସହାୟକ ହେବ । ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମରେ ଗୁଜରାଟରେ ରହୁଥିବା ଓଡ଼ିଆ ପ୍ରବାସୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ନିଜର ଅନୁଭୂତି ଓ ମାଟି ସହ ରହିଥିବା ନିବିଡ଼ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ । ଗୁଜରାଟ ଭଳି ସ୍ଥାନରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ହସ୍ତତନ୍ତ, ଖାଦ୍ୟ ଏବଂ ପରମ୍ପରାର ପ୍ରଦର୍ଶନକୁ ନେଇ ସେମାନେ ଗର୍ବ ଅନୁଭବ କରିଥିଲେ । ଏହି ମିଳନୀ ନିଜର ସାଂସ୍କୃତିକ ପରିଚୟ ବଜାୟ ରଖିବା ସହ ନୂତନ ସୁଯୋଗକୁ ଆପଣେଇବା ଦିଗରେ ସମୁଦାୟର ଅଂଶଗ୍ରହଣ କେତେ ଜରୁରୀ, ତାହା ପୁନଃ ପ୍ରତିପାଦିତ କରିଥିଲା । ବର୍ତ୍ତମାନ ଓଡ଼ିଶା ପର୍ବରେ ଅହମ୍ମଦାବାଦର ବହୁ ସଂଖ୍ୟକ ଲୋକ ଯୋଗ ଦେଇ ଓଡ଼ିଶାର କଳା, କାରୁକାର୍ଯ୍ୟ ଏବଂ ପର୍ଯ୍ୟଟନ ଶିଳ୍ପର ଭୂୟସୀ ପ୍ରଶଂସା କରୁଛନ୍ତି ।

## ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ



ଭୁବନେଶ୍ୱର : ଆଜି ଲୋକସେବା ଭବନ ଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରେ ଯୋଗଦେଇ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ମୁଖ୍ୟତଃ ସରକାରୀ ହସ୍ପିଟାଲ ଗୁଡିକରେ ଅଗ୍ନି ନିରାପତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ନିୟମିତ ଯାଂଚ କରେଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସମୟ ସମୟରେ ନିରୀକ୍ଷଣ କରିବା, ଅଗ୍ନି ସୁରକ୍ଷା ମାନର ସଠିକ ଭାବେ ପାଳନ କରିବା ନିମନ୍ତେ ଅଧିକାରୀଙ୍କୁ ବିଶେଷ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଛନ୍ତି । ବୈଠକରେ ଆଲୋଚିତ ବିଷୟଗୁଡ଼ିକୁ ଗୁରୁତ୍ୱ ସହ କାର୍ଯ୍ୟକାରୀ କରିବା ଓ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବିଭିନ୍ନ ମେଡିକାଲ୍ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ ବ୍ୟବସ୍ଥାର ସମୀକ୍ଷା କରାଯାଇଥିଲା । ମନ୍ତ୍ରୀ ଆପତ୍କାଳୀନ ପରିସ୍ଥିତିରେ ତ୍ୱରିତ ପ୍ରତିକ୍ରିୟା ଓ ରୋଗୀଙ୍କ ସୁରକ୍ଷାକୁ ସର୍ବପ୍ରଥମ ଗୁରୁତ୍ୱ ଦେବାକୁ କହିଥିଲେ । ସମସ୍ତ ହସ୍ପିଟାଲରେ ଅଗ୍ନିନିରୋଧକ ଯନ୍ତ୍ର ସଠିକ ଭାବରେ କାର୍ଯ୍ୟକ୍ଷମ ରହିବା ସହିତ ନିୟମିତ ଯାଂଚ ଓ ମକ୍ ଡ୍ରିଲ୍ କରାଯିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପୂର୍ତ୍ତ ବିଭାଗ ଏବଂ ଅଗ୍ନିଶମ ବିଭାଗ ସହ ସମନ୍ୱୟ ରଖି ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରୀ ରୋଗୀ ଓ ସାଧାରଣ ଲୋକଙ୍କ ସୁରକ୍ଷା ସରକାରଙ୍କ ପ୍ରଥମ ପ୍ରାଥମିକତା ଓ ଏଥିରେ କୌଣସି ପ୍ରକାର ଅବହେଳା ସହ୍ୟ କରାଯିବ ନାହିଁ ବୋଲି କହିବା ସହ ଆଗାମୀ ଦିନରେ ସମସ୍ତେ ସଚେତନ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ , ସ୍ୱତନ୍ତ୍ର ସଚିବ ଡ଼ା. ବିଜୟ ମହାପାତ୍ର ଓ ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ କଲେଜ ମୁଖ୍ୟମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ ।

## ବଢ଼ିବ ତାତି, ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବାର ସମ୍ଭାବନା



ଭୁବନେଶ୍ୱର : ଆସନ୍ତା ମଙ୍ଗଳବାରଠାରୁ ରାଜ୍ୟରେ ତାତି ବଢ଼ିପାରେ । ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବାର ସମ୍ଭାବନା ଅଛି । ତେବେ ରବିବାର ଓ ସୋମବାର ଦିନ ତାପମାତ୍ରା ୩ ଡିଗ୍ରୀ ପର୍ଯ୍ୟନ୍ତ କମିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପାଣିପାଗ ବିଭାଗର ପୂର୍ବାନୁମାନ କହୁଛି, ରବିବାର ଦିନ ମୟୂରଭଞ୍ଜ ଓ କେନ୍ଦୁଝରରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ଏହି ଦୁଇ ସ୍ଥାନରେ ଝଡ଼ ବର୍ଷାର ଅଧିକ ଆଶଙ୍କା ଅଛି । ଉତର ଓଡ଼ିଶା ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ସୋମବାର ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱରର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି । ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ଏହି ସବୁ ସ୍ଥାନରେ ୩୦ରୁ ୪୦ କିମି ବେଗରେ ପବନ ବହିପାରେ ବୋଲି ଆକଳନ ରହିଛି । ଶନିବାର ପାରଳାଖେମୁଣ୍ଡିରେ ଦିନ ତାପମାତ୍ରା ୩୫.୬ ଡିଗ୍ରୀ ସେଲସିୟସ୍, ବରଗଡ଼ରେ ୩୪.୬, ଟିଟିଲାଗଡ଼ରେ ୩୪ଡିଗ୍ରୀ, ବଲାଙ୍ଗୀରରେ ୩୩.୮, ନୟାଗଡ, ଭବାନୀପାଟଣା, ଜଗତ୍‌ସିଂହପୁର ଓ ଖୋର୍ଦ୍ଧାରେ ୩୩.୫, ସୋନପୁରରେ ୩୩.୨ ଡିଗ୍ରୀ ରେକର୍ଡ ହୋଇଛି ।

## ଶିମଲା ମଶୋବ୍ରା ସ୍ଥିତ ରାଷ୍ଟ୍ରପତି ନିବାସ ପରିଦର୍ଶନ କଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି



ଭୁବନେଶ୍ୱର : ହିମାଚଳ ପ୍ରଦେଶ ଗସ୍ତରେ ଯାଇଥିବା ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ଶିମଲାର ମଶୋବ୍ରା ସ୍ଥିତ ରାଷ୍ଟ୍ରପତି ନିବାସ ପରିଦର୍ଶନ କରିଛନ୍ତି । ଏହି ଐତିହାସିକ ନିବାସ ରାଷ୍ଟ୍ରପତିଙ୍କ ଗ୍ରୀଷ୍ମକାଳୀନ ଆବାସ ରୂପେ କାର୍ଯ୍ୟ କରିଥାଏ । ରାଷ୍ଟ୍ରପତି ନିବାସର ଅଧିକାରୀ ଅଜୟ ଭରଦ୍ୱାଜ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳକୁ ଏହି ଐତିହାସିକ ସ୍ଥାନର ମହତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ଏଠାରେ ରାଷ୍ଟ୍ରପତିଙ୍କ ରହଣୀ ପାଇଁ ୧୬ କୋଠରୀ ବିଶିଷ୍ଟ ଏକ ଆବାସ ରହିଛି । ତେବେ ମଶୋବ୍ରା ରାଷ୍ଟ୍ରପତି ନିବାସର ମୋଟ ପରିସର ୧୮୦ ଏକର ସ୍ଥାନରେ ପରିବ୍ୟାପ୍ତ । ଶ୍ରୀ ଭରଦ୍ୱାଜ କହିଥିଲେ, ୧୭୬ ବର୍ଷ ପୁରୁଣା ଏହି ସ୍ଥାନ ଇଂରେଜ ଶାସନ ପୂର୍ବରୁ ରହି ଆସିଛି । ପୂର୍ବରୁ ଏହା ଏକ ରାଜକୀୟ ନିବାସସ୍ଥଳୀ ରହିଥିଲା । ପରବର୍ତୀ ସମୟରେ ଇଂରେଜମାନେ ଶିମଲାକୁ ଦେଶର ଗ୍ରୀଷ୍ମକାଳୀନ ରାଜଧାନୀ ରୂପେ ଘୋଷଣା କରିବା ପରେ ଏଠାରେ ବ୍ରିଟିଶ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ରହୁଥିଲେ । ସ୍ୱାଧୀନତା ପରେ ଏହି ସ୍ଥାନ ରାଷ୍ଟ୍ରପତିଙ୍କ ଗ୍ରୀଷ୍ମକାଳୀନ ନିବାସ ରୂପେ କାର୍ଯ୍ୟ କରିଆସୁଛି । ୧୭୬ ବର୍ଷରୁ ଅଧିକ ପୁରୁଣା ଏହି ସ୍ଥାନକୁ ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୩ରେ ସାଧାରଣ ଲୋକଙ୍କ ପାଇଁ ଖୋଲିଥିଲେ । ରାଷ୍ଟ୍ରପତିଙ୍କ ନିବାସ ରାଷ୍ଟ୍ରର ଜନସାଧାରଣଙ୍କ ପାଇଁ ଖୋଲାଯିବା ଉଚିତ୍ ବୋଲି ଶ୍ରୀମତୀ ମୁର୍ମୁ ପରାମର୍ଶ ଦେଇଥିଲେ । ଦେଶର ସମସ୍ତ ରାଷ୍ଟ୍ରପତି ଏଠାରେ ରହିଛନ୍ତି ବୋଲି ସେ ସୂଚନା ଦେଇଥିଲେ । ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ ଏହି ଐତିହାସିକ ସ୍ଥାନର ମହତ୍ୱ ବିଷୟରେ ଜାଣିବା ସହ ଏହାକୁ ପରିଦର୍ଶନ କରିଥିଲେ । ଗଣମାଧ୍ୟମ ପ୍ରତିନିଧି ଦଳ ହିମାଚଳ ପ୍ରଦେଶର କୁଫ୍ରି-ଫାଗୁ ସ୍ଥିତ ଆଇସିଏଆର କେନ୍ଦ୍ରୀୟ ଆଳୁ ଗବେଷଣା ପ୍ରତିଷ୍ଠାନର ଆଂଚଳିକ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । ସେମାନେ ଆଳୁ ଚାଷ କ୍ଷେତ୍ରରେ ହେଉଥିବା ଗବେଷଣା ଏବଂ ପ୍ରକ୍ରିୟାକରଣ ଲାଗି ପ୍ରତିଷ୍ଠାନର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ ହୋଇଥିଲେ । ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଓ ପ୍ରକଳ୍ପ ବିଷୟରେ ଅବଗତ ହେବା ଲାଗି ଭାରତ ସରକାରଙ୍କ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଓଡ଼ିଶାର ସାମ୍ବାଦିକମାନଙ୍କ ପାଇଁ ଏହି ଗସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ପିଆଇବି, ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦଙ୍କ ସହ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ସାମିଲ ଅଛନ୍ତି ।

# ସ୍ୱର୍ଗତ ସର୍ବେଶ୍ୱର ମିଶ୍ରଙ୍କ ରାଜ୍ୟସ୍ତରୀୟ ଅଶ୍ରୁଳ ଶ୍ରଦ୍ଧାଂଜଳି ସଭା




ବାଲେଶ୍ୱର,(ନି.ପ୍ର.): ଅଲ୍ ଇଣ୍ଡିଆ ଫରଓ୍ୱାର୍ଡ଼ ବ୍ଲକର ରାଜ୍ୟ ସମ୍ପାଦକ ତଥା ବାଲେଶ୍ୱର ଜିଲ୍ଲା କମିଟିର ସଭାପତି ସାଥୀ ୰ସର୍ବେଶ୍ୱର ମିଶ୍ରଙ୍କ ଏକାଦଶାହ ଶ୍ରଦ୍ଧାଂଜଳି ରାଜ୍ୟସ୍ତରୀୟ ଶୋକାକୁଳ ସଭା ୨୨ ତାରିଖ ପୂର୍ବାହ୍ନରେ ଷ୍ଟେସନକ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଲ୍ ଇଣ୍ଡିଆ ଫରଓ୍ୱାର୍ଡ଼ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଂଜଳି ସଭାରେ ପ୍ରଥମେ ୨ମିନିଟ୍ ନୀରବ ପ୍ରାର୍ଥନା, ପ୍ରଦୀପ ପ୍ରଜ୍ୱଳନ ଓ ସ୍ମୃତି ଚାରଣ କାର୍ଯ୍ୟକ୍ରମ ମଂଚରେ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସିପିଆଇର ରାଜ୍ୟସ୍ତରୀୟ ନେତୃମଣ୍ଡଳୀ ଜୟନ୍ତ କୁମାର ଦାସ, ସିପିଆଇଏମର ରାଜ୍ୟନେତୃମଣ୍ଡଳୀ ସିସିର ହୁଇ ଏବଂ ବାଲେଶ୍ୱର ପୌରପାଳିକାର ପୂର୍ବତନ ପୌରପାଳ ତପନ ଚକ୍ରବର୍ତୀ ଏବଂ କମ୍ରେଡ୍ ଗୌରାଙ୍ଗ ପାଣିଗ୍ରାହୀ, ଲକ୍ଷ୍ମୀଧର ଗିରି ଏବଂ ଗଦାଧର ଜେନା ପ୍ରମୁଖ ମଂଚାସୀନ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟରେ କହିଥିଲେ କି, ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ ଅଲ ଇଣ୍ଡିଆ ଫରଓ୍ୱାର୍ଡ଼ ବ୍ଲକର ରାଜ୍ୟ ସମ୍ପାଦକ ଏବଂ ଜିଲ୍ଲା ସଭାପତି ଯିଏକି ସ୍ୱର୍ଗତ ସର୍ବେଶ୍ୱର ମିଶ୍ର ବହୁ ଦକ୍ଷତାପୂର୍ଣ୍ଣ କାର୍ଯ୍ୟ କରିଯାଇଛନ୍ତି । ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଆଜିକାର ଏହି କାର୍ଯ୍ୟକ୍ରମ ଶ୍ରଦ୍ଧାଂଜଳି ଜ୍ଞାପନ କରିବା ସଂଗେ ସଂଗେ ତାଙ୍କର ଶିକ୍ଷା, ଜନବତ୍ସଳତା କାର୍ଯ୍ୟ, ସାଂଗଠନିକ ଦକ୍ଷତା ଏବଂ ଛାତ୍ରନେତା ତାଛଡ଼ା ଶିକ୍ଷା ବଂଚାଓ ଓ ଦେଶ ବଂଚାଓ କାର୍ଯ୍ୟକ୍ରମରେ ସେ ନିଜକୁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିତ କରିଯାଇଛନ୍ତି ତାଙ୍କର ନିଷ୍ଠା ଚିରଦିନ ପାଇଁ ଆମ ସମସ୍ତଙ୍କୁ ଅନୁକରଣୀୟ କରଣିୟ କରିବାକୁ ପଡ଼ିବ । ସର୍ବେଶ୍ୱରଙ୍କ ସହଧର୍ମିଣୀ ବିଷ୍ଣୁପ୍ରିୟା ଯିଏକି ତାଙ୍କର ପ୍ରୋତ୍ସାହନରେ ତାଙ୍କ ରାଜନୈତିକ ଜୀବନ ସୁଦୃଢ଼ୀକରଣ ହୋଇଥିଲା । ଆଜି ସର୍ବେଶ୍ୱର ଆମମାନଙ୍କ ଠାରେ ନାହାଁନ୍ତି । ହେଲେ ଇଣ୍ଡିଆ ଫରଓ୍ୱାର୍ଡ଼ ବ୍ଲକ, ଗଣତାନ୍ତ୍ରିକ ଆନ୍ଦୋଳନରେ ତାଙ୍କର କାର୍ଯଦକ୍ଷତା ଚିରଦିନ ପାଇଁ ଆମକୁ ପ୍ରେରଣା ଦେବବୋଲି ମଂଚ ପକ୍ଷରୁ ପ୍ରକାଶ ପାଇଥିଲା । ଅଲ୍ ଇଣ୍ଡିଆ ଫରଓ୍ୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଂଜନ ମହାପାତ୍ର ଆୟୋଜିତ ମଂଚ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନିରଂଜନ ପରିଡ଼ା, ପ୍ରେମ ରଂଜନ ପାତ୍ର, କବି ଶ୍ରୀଦେବ, ସୀତାଂଶୁ ଲେଙ୍କା, ଡ. ଦିଲ୍ଲୀପ ରଥଙ୍କ ସମେତ ସର୍ବେଶ୍ୱରଙ୍କୁ ଭଲ ପାଉଥିବା ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲା ।

# ଓଡ଼ିଶୀ ନୃତ୍ୟ ପ୍ରଚାର ପ୍ରସାରରେ କେଳୁଚରଣଙ୍କ ଅବଦାନ ଅବର୍ଣ୍ଣନୀୟ



ବାଲେଶ୍ୱର,(ନି.ପ୍ର.): ଓଡ଼ିଶା କଳା ସଂସ୍କୃତିର ପ୍ରାଣକେନ୍ଦ୍ର । ଶାସ୍ତ୍ରୀୟ ନୃତ୍ୟ ହେଉକି ଶାସ୍ତ୍ରୀୟ ସଙ୍ଗୀତ କେବଳ ଓଡ଼ିଶା ନୁହେଁ, ଭାରତୀୟ ସଂସ୍କୃତି ଏକ ଅଂଶ । ଏହାକୁ ଜଣେ ନିଜର କ୍ୟାରିଅର ଭାବେ ଗ୍ରହଣ କରିପାରିଲେ ପ୍ରତିଷ୍ଠା ଲାଭ କରିପାରିବେ ବୋଲି ଶନିବାର ଗାନ୍ଧିସ୍ମୃତି ଭବନରେ ଆୟୋଜିତ 'ଗୁରୁ ସ୍ମରଣେ' କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ । ପଦ୍ମଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ନୃତ୍ୟାଙ୍ଗନା ସୁଜାତା ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଅତିଥିମାନେ ଶିକ୍ଷ ବିଭାଗ ନିର୍ଦ୍ଦେଶିକା ଅବୋଲି ସୁନିଲ ନରୱଣେ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ପ୍ରଣତୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶୀ ନୃତ୍ୟକୁ ପ୍ରଚାର ପ୍ରସାର କରିବାରେ କେଳୁଚରଣ ମହାପାତ୍ରଙ୍କ ତ୍ୟାଗ ଉପରେ ସେମାନେ ଆଲୋଚନା କରିଥିଲେ । ଏହି ଅବସରରେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ତପସ୍ୟା ମିଶ୍ର, ଶିକ୍ଷା କ୍ଷେତ୍ରରେ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ଯତୀନ୍ଦ୍ର କୁମାର ମହାନ୍ତି ସ୍ମୃତି ସମ୍ମାନ, କୁମୁଦିନୀ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ସମ୍ମାନିତ ବ୍ୟକ୍ତିଙ୍କୁ ମାନପତ୍ର ସହ ୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ପରେ ସୁଜାତା ମହାପାତ୍ର, ତାଙ୍କ କନ୍ୟା ପ୍ରୀତିଶା ମହାପାତ୍ର ଏବଂ ଗୁରୁକୀର୍ତିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ।

# ସ୍ମାର୍ଟ ମିଟରକୁ ବିରୋଧ

ବାଲେଶ୍ୱର,(ନି.ପ୍ର.): ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ ଦର ବଢ଼ିବ ନାହିଁ ବୋଲି ଯେଉଁ ନିଷ୍ପତି ବିଦ୍ୟୁତ ନିୟାମକ ଆୟୋଗ ଘୋଷଣା କରିଛନ୍ତି, ତାକୁ ଉ□ର ଓଡିଶା ବିଦ୍ୟୁତ ଉପଭୋକ୍ତା ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି । ମାତ୍ର ସ୍ମାର୍ଟ ମିଟର ବସାଇବାକୁ ନିୟାମକ ଆୟୋଗଙ୍କ ଦୃଢ଼ୋକ୍ତି ଦୁର୍ଭାଗ୍ୟଜନକ ଏବଂ ଗ୍ରାହକ ସ୍ୱାର୍ଥବିରୋଧୀ । ସ୍ମାର୍ଟ ମିଟର ବସାଇବା ସପକ୍ଷରେ ଉପଭୋକ୍ତାମାନଙ୍କ ଅନୁମୋଦନ ହାସଲ ଲକ୍ଷ୍ୟରେ ଦୁଇ କିଲୋଓ୍ୱାଟ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ଥିବା ଗ୍ରାହକଙ୍କ ପାଖରୁ ଏହି ମିଟର ସଂଯୋଗ ପାଇଁ ଦେୟ ଆଦାୟ କରାଯିବ ନାହିଁ ବୋଲି ଘୋଷଣା କରାଯାଇଛି । ମିଟର ବସାଇବା ବାବଦ ଦେୟ



ଛାଡ଼କରି ମିଟର ବସାଯିବା ପରେ ଗ୍ରାହକମାନଙ୍କୁ ଲୁଟି ନିଆଯିବ । ଏହି ପ୍ରତାରଣା ଓ ଲୁଟର ଶିକାର ନ ହୋଇ ସ୍ମାର୍ଟ ମିଟରକୁ ବିରୋଧ କରିବାକୁ ଉପଭୋକ୍ତାମାନେ ଆଗେଇ ଆସିବାକୁ ଉ□ର ଓଡିଶା ବିଦ୍ୟୁତ ଉପଭୋକ୍ତା ପରିଷଦ ଆହ୍ୱାନ ଜଣାଉଛି । ସ୍ମାର୍ଟ ମିଟର ବସାଇବାକୁ ଟାଟା ପାଓ୍ୱାର ଅଗ୍ରସର ହେଲେ ତାହାର ତୀବ୍ର ବିରୋଧ କରାଯିବ ବୋଲି କମ୍ପାନୀ ଓ ଡବଲ ଇଞ୍ଜିନ ସରକାରକୁ ଉ□ର ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ପରିଷଦ ପକ୍ଷରୁ ଆବାହକ ସନ୍ତୋଷ ଦାସ, ନିର୍ମଳ ନାୟକ, ଶିଶିର ହୁଇ, ଭାଗବତ ପ୍ରତିହାରୀ, ଶାନ୍ତନୁ ଦାସ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏକ ମିଳିତ ଇସ୍ତାହାରରେ ଚେତାବନୀ ଦେଇଛନ୍ତି ।

# ବାଲେଶ୍ୱର ବାର ନିର୍ବାଚନ ଆସନ୍ତା ୨୮ରେ: କ୍ଷେତ୍ର ଚଳଚଂଚଳ

ବାଲେଶ୍ୱର,(ନି.ପ୍ର.): ଓଡ଼ିଶା ହାଇକୋର୍ଟ ବାର ଏସୋସିଏସନ ଆନୁକୂଲ୍ୟରେ ଆସନ୍ତା ୨୮ ତାରିଖ ବାଲେଶ୍ୱର ବାର ପକ୍ଷରୁ ନିର୍ବାଚନ ହେବାକୁଯାଉଛି । ଚଳିତ ବର୍ଷ ୧୩୯୧ ଭୋଟରଙ୍କୁ ନେଇ ୨୮ ତାରିଖ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିଦନ ୪ଟାରୁ ଭୋଟ ଗଣତି ଏବଂ ପରବର୍ତୀ ସମୟରେ ସେହିଦିନ ଫଳାଫଳ ଘୋଷଣା ହେବ ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କାର୍ତିକ ପ୍ରସାଦ ସି ସୂଚନା ଦେଇ କହିଛନ୍ତି । ସେ କହିଛନ୍ତି କି, ଚଳିତ ବର୍ଷ ପ୍ରଥମକରି ମତଦାନ କେନ୍ଦ୍ରରେ ଓ ବାହାରେ ୪ଟି ସିସି କ୍ୟାମେରା ଲାଗିବ । ଆସନ୍ତା ୨୮ ତାରିଖ




ଦିନ ମତଦାନ ପାଇଁ ୧୨ଟି ବୁଥ କରାଯାଇଥିବା ବେଳେ ଭୋଟ ଗଣତି କାର୍ଯ୍ୟକ୍ରମ ପାଇଁ ୪ଟି ଟେବୁଲ ଖସଡ଼ା ପ୍ରସ୍ତୁତ ହୋଇଛି । ପୋଲିସ ବିଭାଗ ଏବଂ ଜିଲ୍ଲା ପ୍ରଶାସନକୁ ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ ପାଇଁ ଅନୁରୋଧ କରାଯାଇଛି । ଖବରରୁ ପ୍ରକାଶଯେ, ୧୯ଟି ପ୍ରାର୍ଥୀ ପାଇଁ ୩୦ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଥିବା ଜଣାପଡ଼ିଛି । ଅପରପକ୍ଷରେ ବିଶେଷ ସୂତ୍ରରୁ ଜଣାଯାଇଛି କି, ଯେଉଁମାନେ ପ୍ରାର୍ଥୀ ମତଦାନରେ ନିର୍ବାଚନ ଲଢୁଛନ୍ତି ସେମାନଙ୍କ ଆଖିରେ ନିଦ ହଜିଯାଇଛି । ସକାଳ ଠାରୁ ବିଳମ୍ବିତ ରାତ୍ରିଯାଏଁ ପ୍ରତ୍ୟେକ ଭୋଟରଙ୍କୁ ଭେଟିବା, ସେମାନଙ୍କୁ ଆଣି ଗିଫ୍ଟ ଦେବା, ହୋଟେଲରେ ଆଣି ଖୁଆଇବା, ଟିଭି, ଫ୍ରିଜ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେଉଥିବା କିଛି ଖବର ଆମର ହସ୍ତଗତ ହୋଇଛି । ତା'ଛଡ଼ା ଅନେକ ଭୋଟର ଯେଉଁମାନେକି ଓକିଲାତି କରୁନାହାଁନ୍ତି ଅଥଚ ସାର୍ଟିଫିକେଟ ଅଛି ଭୋଟରଲିଷ୍ଟରେ ସେମାନଙ୍କ ନାମଥାଇ ସେମାନେ ଦୂରଦୂରାନ୍ତରେ ବସବାସ କରିବା ଯୋଗୁଁ ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନଙ୍କ ପାଇଁ ସେମାନଙ୍କୁ ଯୋଗଯୋଗ କରିବା ନିମନ୍ତେ ମୁଣ୍ଡବ୍ୟଥାର କାରଣ ହୋଇଛି । ମୁଖ୍ୟତଃ ସଭାପତି ପଦ ପାଇଁ ୩ଜଣ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଯଥା ମନୋଜ କୁମାର ନାୟକ, ନାରାୟଣ ଚନ୍ଦ୍ର ସାହୁ ଏବଂ ରଘୁନାଥ ପ୍ରଧାନ । ସେହିପରି ଉପସଭାପତି ପଦରେ ସୂର୍ଯ୍ୟକାନ୍ତ କର ଓ ରଂଜିତ ପଣ୍ଡା ଏବଂ ସମ୍ପାଦକ ଭାବରେ ସମ୍ବିତ କୁମାର ନନ୍ଦୀ ଓ ଦୀପକ କୁମାର ଦାସଙ୍କ ମଧ୍ୟରେ କଂଟେକି ଟକ୍କର ଜାରି ରହିଥିଲା ବେଳେ ଆଗାମୀ ୨୮ ତାରିଖ କେଉଁମାନେ ଏହି ନର୍ବାଚନରେ ବିଜୟଲାଭ କରିବେ ସେଥିନେଇ ଏବେଠାରୁ ପ୍ରଚାର କାର୍ଯ୍ୟକ୍ରମ ଜୋର ସୋରରେ ଆରମ୍ଭ ହୋଇଯାଇଛି ।

# ମୟୂରଭଞ୍ଜ ସାହିତ୍ୟ ପରିଷଦ ସମ୍ମିଳନୀ କକ୍ଷରେ ଏକ ଭବ୍ୟ କବିତା ସଭା ଆୟୋଜିତ




ବାରିପଦା(ନି.ପ୍ର.)ବିଶ୍ୱ କବିତା ଦିବସ ଅବସରରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ସମ୍ମିଳନୀ କକ୍ଷରେ ଏକ ଭବ୍ୟ କବିତା ସଭା ଆୟୋଜିତ ହୋଇଥିଲା । ସମ୍ପାଦକ ମନୋଜ ଦଳବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ଜିଲ୍ଲାର ବରିଷ୍ଠ ଓ ଯୁବ କବିମାନଙ୍କର ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା । ମଂଚରେ ପୂର୍ବତନ ସଭାପତି ଅଜିତ କବାଟ, ଉପସଭାପତି ଜୟନ୍ତ କୁମାର ଦ୍ୱାରୀ ଏବଂ କାବେରୀ ମିଶ୍ର, ବରିଷ୍ଠ କବି ନରସିଂହ ବାରିକ, ସଂପାଦକ ମନୋଜ ଦଳବେହେରା ଓ କୋଷାଧ ?ୟକ୍ଷ ସମରେନ୍ଦ୍ର ବଶା ଉପସ୍ଥିତ ଥିଲେ ।

ବିଶ୍ୱ କବିତା ଦିବସ ପ୍ରତିବର୍ଷ ମାର୍ଚ୍ଚ ୨୧ ତାରିଖରେ ପାଳନ କରାଯାଏ । ଏହାର ମୂଳ ଉଦ୍ଦେଶ୍ୟ କବିତା ମାଧ୍ୟମରେ ଭାଷା, ସଂସ୍କୃତି ଓ ମାନବୀୟ ଭାବନାକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା । କବିତା ମାନବ ମନର ଗଭୀର ଅନୁଭୂତିକୁ ସରଳ ଓ ସୁନ୍ଦର ଭାବେ ପ୍ରକାଶ କରିଥାଏ, ଯାହା ସମାଜକୁ ସଚେତନ ଓ ସମ୍ବେଦନଶୀଳ କରେ । ଏହି ଦିନ ନୂତନ କବିମାନଙ୍କୁ ଆଗକୁ ଆସିବା ପାଇଁ ପ୍ରେରଣା ମିଳେ ଓ ସାହିତ୍ୟ ପ୍ରତି ରୁଚି ବୃଦ୍ଧି ପାଏ ।

ଏହି ଅବସରରେ କବିମାନେ 'ପ୍ରେମ' ଶୀର୍ଷକରେ ନିଜ ନିଜ କବିତା ପାଠ କରିଥିଲେ । ପ୍ରେମର ବିଭିନ୍ନ ଆୟାମ—ମାନବ ପ୍ରେମ, ପ୍ରକୃତି ପ୍ରେମ, ଦେଶପ୍ରେମ ଓ ମାନବତା—କବିତାମାନଙ୍କ ମାଧ୍ୟମରେ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରକାଶ ପାଇଥିଲା । ସଭାରେ ଉପସ୍ଥିତ ଶ୍ରୋତାମାନେ କବିତାର ଭାବରେ ଭିଜି ଯାଇଥିଲେ ଓ ବାରମ୍ବାର ତାଳିର ଧ୍ୱନିରେ କବିମାନଙ୍କୁ ଉତ୍ସାହିତ କରିଥିଲେ ।

ସଭାରେ କିଛି ଅଭିଭାଷକ କବିତାର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ଆଧୁନିକ ଯୁଗରେ ଯେତେବେଳେ ମଣିଷ ଯାନ୍ତ୍ରିକ ଜୀବନରେ ବ୍ୟସ୍ତ, ସେତେବେଳେ କବିତା ମଣିଷକୁ ମନୋବୈଜ୍ଞାନିକ ଶାନ୍ତି ଓ ଆତ୍ମିକ ସନ୍ତୋଷ ଦେଇଥାଏ । କବିତା ମାଧ୍ୟମରେ ସମାଜର ସମସ୍ୟା ଓ ସତ୍ୟକୁ ସହଜ ଭାବେ ଉପସ୍ଥାପନ କରାଯାଇପାରେ । ସଭାର ଶେଷରେ ପରିଷଦର କୋଷାଧ୍ୟକ୍ଷ ସମରେନ୍ଦ୍ର ବଶା ସମସ୍ତ ଅତିଥି, କବି ଓ ଶ୍ରୋତାମାନଙ୍କୁ ଧନ୍ୟବାଦ ଜଣାଇ ସଭାର ସମାପନ ଘୋଷଣା କରିଥିଲେ । ଏହି କାର୍ଯକ୍ରମ ସାହିତ୍ୟ ପ୍ରେମୀମାନଙ୍କ ପାଇଁ ଏକ ସ୍ମରଣୀୟ ଓ ପ୍ରେରଣାଦାୟକ ଅନୁଭବ ରୂପେ ପରିଣତ ହୋଇଥିଲା ।

# ଭୋଗରାଇରୁ ଅପହୃତା ଉଦ୍ଧାର

ବାଲେଶ୍ୱର,(ନି.ପ୍ର.): ଭୋଗରାଇ ଅଂଚଳର ଜଣେ ୧୬ ବର୍ଷର ନାବାଳିକା ଯିଏକି ଦଶମ ଶ୍ରେଣୀରେ ଅଧ୍ୟୟନ କରନ୍ତି । ତାଙ୍କୁ ସେହି ଅଂଚଳର ଜଣେ ଯୁବକ ଅପହରଣ କରିନେଇଥିଲେ ବାଙ୍ଗାଲୋରକୁ । ଖବରରୁ ପ୍ରକାଶଯେ, ଭୋଗରାଇ ଠାକୁରବାଡ଼ି ଅଂଚଳର ଅଶୋକ ମହାନ୍ତି ନାମକ ଜଣେ ଯୁବକ ଯିଏକି ଉକ୍ତ ନାବାଳିକାଙ୍କୁ ବାଙ୍ଗାଲୋର ନେଇ ପଳାଇଯିବା ଓ କୌଣସିମତେ ଭୋଗରାଇ ପୋଲିସରେ ଅଭିଯୋଗ ହେବା ଏବଂ ଭୋଗରାଇ ପୋଲିସ ବାଙ୍ଗାଲୋର ଯାଇ ଉଭୟଙ୍କୁ ସେଠାରୁ ଆଣି ବାଲେଶ୍ୱର ଶିଶୁମଙ୍ଗଳ କମିଟିରେ ୨୧ ତାରିଖ ସଂଧ୍ୟାରେ ହାଜର କରିଥିଲେ । ଶିଶୁ ମଙ୍ଗଳ କମିଟିର ମୁଖ୍ୟ ପ୍ରିୟରଂଜନ ମହାନ୍ତି ଏବଂ ଶତୃଘ୍ନ ମଲ୍ଲିକ ଉଭୟଙ୍କୁ କାଉନସିଲ୍ କରିବା କରେ ଯୁବକଙ୍କୁ ପୋଲିସ ହାତରେ ଦେବା ସହ ନାବାଳିକାଙ୍କୁ ତାର ମା'ଙ୍କ ହସ୍ତରେ ହସ୍ତାନ୍ତର କରିଛନ୍ତି ।

## ଜିଲ୍ଲା ଆଂଚଳିକ ପରିବହନ ବିଭାଗ ତରଫରୁ ସ୍ୱତନ୍ତ୍ର ତନଖି

ଝାରସୁଗୁଡ଼ା(ନି.ପ୍ର.)-ଗତ ୨୧ ମାର୍ଚ୍ଚରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ପରିବହନ ବିଭାଗ ତରଫରୁ ବିଭିନ୍ନ ଯାନ ଉପରେ ସ୍ୱତନ୍ତ୍ର ତନଖି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ରାଜ୍ୟରେ ବର୍ତମାନ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବଢୁଥିବା ବେଳେ ଏହାକୁ ସ୍ୱତନ୍ତ୍ର ନିୟନ୍ତ୍ରଣ କରିବା ପାଇଁ ଏକ ତନଖି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।ଝାରସୁଗୁଡ଼ା ଜିଲ୍ଲା ଆଂଚଳିକ ପରିବହନ ପକ୍ଷରୁ ଗତକାଲି ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ତନଖି କାର୍ଯ୍ୟକ୍ରମରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ପ୍ରଳୟ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ସହକାରୀ ପରିବହନ ଅଧିକାରୀ ତପନ କୁମାର ବିଶ୍ୱାଳ



ଏମ୍,ଭି,ଆଇ ଅମିୟ ରନ ପାତ୍ର ଓ ତାଙ୍କ ଦଳ ଗତକାଲି ୨୪୯ଟି କେସ୍ ରୁଜୁ କରି ୧୨ ଲକ୍ଷ ୯୭ ହଜାର ୩୫୬ ଟଙ୍କା ଚାଳନ କଟା ଯାଇଛି । ଏହି ଜିଲ୍ଲାରେ ବେନିୟମ ଗାଡ଼ି ଚାଳନା,ହେଲମେଟ ବ୍ୟବହାର ନ କରିବା,ମଦ୍ୟପାନ କରି ଗାଡ଼ି ଚଳାଇବା,ଟ୍ୟାକ୍ସ ନ ଦେବା, ଅନିୟମିତା ନମ୍ବର ପ୍ଲେଟ ଲଗାଇବା ଆଦି ନିରିକ୍ଷଣ କରାଯାଇ ଜୋରିମାନା କରାଯାଇଛି ।

# ନଲମ ଗଂଜ ହନୁମାନ ଜୀଉ ମହାବୀର ମନ୍ଦିରର ୪୭ତମ ବାର୍ଷିକ ଉତ୍ସବ ଆରମ୍ଭ

ବାଲେଶ୍ୱର(ନି.ପ୍ର.) ଶ୍ରୀ ରାମନବମୀ ଉତ୍ସବ ପାଇଁ ବିଭିନ୍ନ ଧାର୍ମିକ ପୀଠସ୍ଥଳୀରେ ଏବେଠାରୁ ସାଜସଜ୍ଜା, ସୁଉଚ୍ଚତୋରଣ, ବିଦ୍ୟୁତିକରଣ, ପ୍ରବଚନ କାର୍ଯ୍ୟକ୍ରମ, ଆଧ୍ୟାତ୍ମିକ ଚେତନାରେ କଳସ ଶୋଭାଯାତ୍ରା, ହୋମଯଜ୍ଞ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ ଆରମ୍ଭ ହୋଇଛି । ଖବର ନେବାରେ ଜଣାଯାଇଛି ବାଲେଶ୍ୱର ନଲମଗଂଜ ଶ୍ରୀ ଶ୍ରୀ ହନୁମାନ ଜୀଉ ମହାବୀର ମନ୍ଦିରର ୪୭ତମ ବାର୍ଷିକ ଉତ୍ସବ ଆସନ୍ତା ୧୯ ତାରିଖ ଗୁରୁବାର ଠାରୁ ଆରମ୍ଭ ହୋଇ ଏହାର ଉଦଯାପନୀ ୨୮.୩.୨୬ ଶନିବାର ଯାଏଁ ହେବ । ପ୍ରତ୍ୟେହ ସନ୍ଧ୍ୟା ୭ଘଟିକାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଶ୍ରୀରାମନବମୀ ତଥା ମହାବୀର ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ସୂଚନା ଦେଇ କହିଛନ୍ତି । ଶ୍ରୀରାମ ମନ୍ଦିର ନିର୍ମାଣ ନିମନ୍ତେ ଅଦ୍ୟାବଧି ମିଳିଥିବା ଦାନ ଅର୍ଥ ୨ଲକ୍ଷ ୮୫ ହଜାର ୪୯୯ଟଙ୍କା ବ୍ୟାଙ୍କରେ ଜମାଥାଇ ସୁଧ ପ୍ରାପ୍ତି ହୋଇଛି । ଆସନ୍ତା ୩୦ ତାରିଖ ସକାଳ ୭ଟାରେ ଶୁଭ ଅଧିବାସ ଆଚାର୍ଯ୍ୟ ସତ୍ୟସେବକ ପାଢ଼ୀ, ନିରଂଜନ ପଣ୍ଡା, ବ୍ରଜ କିଶୋର ତ୍ରିପାଠୀ, ସରୋଜିନୀ ପାଢ଼ୀ ପ୍ରତ୍ୟେହ ପାରାୟଣ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ପାଠ କରିବେ । ପ୍ରତ୍ୟେହ ସନ୍ଧ୍ୟା ୬ଟା ୨୦ମିନିଟ୍‌ରେ ଆରତୀ ଓ ହନୁମାନ ଚାଳିଶା ଗାନ, ୧୯ତାରିଖ ଉଦଘାଟନୀ ଦିବସ ଦିନ ପ୍ରବଚକ ପଣ୍ଡିତ ପ୍ରଶାନ୍ତ କୁମାର ମିଶ୍ର, ୨୨.୩ରେ ପ୍ରବଚକ ଗୋପାଳ ରାଜଗୁରୁ, ଆସନ୍ତା ୨୫.୩.୨୫ତାରିଖରେ ଅନ୍ତର୍ଯାମୀ ଦାସମହାରାଜ, ୨୭.୩.ରେ ଶ୍ରୀରାମନବମୀ, ସେହିଦିନ ୧୨ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଓ ସନ୍ଧ୍ୟା ୬ଟାରୁ ରାତ୍ର ୭ଟା ପର୍ଯ୍ୟନ୍ତ ପ୍ରସାଦ ବିତରଣ, ୨୮ ତାରିଖ ଦଶମୀ ଏବଂ ଏହି ପରିପ୍ରେକ୍ଷୀରେ ଅଯୋଧ୍ୟା ଦାସ ମହାରାଜ



ପ୍ରବଚକଙ୍କ ସମେତ ହୃଦାନନ୍ଦ ସାହୁ ଏବଂ ପ୍ରତାପ କିଶୋର ନନ୍ଦ ଏବଂ ବିଜୟ ବେହେରା ନେତ୍ରହୀନଙ୍କ ସମେତ ପ୍ରବଚକମାନେ ଯୋଗଦେଇ ପ୍ରବଚନ ଦେବେ ଏବଂ ଭଜନ ଗାଇବେ । ଆସନ୍ତା ୨୮ ତାରିଖ ବିଗ୍ରହ ବିସର୍ଜନ ହେବ ବୋଲି ଟ୍ରଷ୍ଟି ସୂଚନା ଦେଇଛନ୍ତି ।

# ‘ଦର୍ଶନ’ ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଓ ବନ୍ଧୁ ମିଳନ



ନୟାଗଡ଼(ନିପ୍ର): ଦୈନିକ ଖବରକାଗଜ ଦର୍ଶନ ପକ୍ଷରୁ ଆଜି ନୟାଗଡ଼ ସାମ୍ବାଦିକ ଭବନ ପରିସରରରେ ପୂଜ୍ୟପୂଜା ସମ୍ମାନ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରତିନିଧି ଜନ୍ମେଜୟ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ବିଶ୍ୱରେ ସୃଷ୍ଟି ହୋଇଥିବା ଭୟାନକ ପରିସ୍ଥିତି ସମ୍ପର୍କରେ ଆଲୋଚନା ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନଗରପାଳ ନିରୂପମା ଖଟେଇ, ବିଜେପି ନେତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଦର୍ଶନ ଖବରକାଗଜ ସମ୍ପାଦକ ବିଭୂତି ଭୂଷଣ ନାୟକ, ସହ ସମ୍ପାଦିକା ପ୍ରସମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ନୟାଗଡ ସକାଳ ଜିଲ୍ଲା ପ୍ରତିନିଧି ଅନିଲ କୁମାର ପଣ୍ଡା ଙ୍କୁ ସମ୍ବର୍ଦ୍ଧିତ କରା ଯିବା ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଦର୍ଶନ ଖବର କାଗଜ ପ୍ରତିନିଧି ଏବଂ ଜିଲ୍ଲାର ସମସ୍ତ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା । ଏହା ସହିତ ଅନେକ ବ୍ୟକ୍ତିତ୍ୱଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପ୍ରତିନିଧି ସହଯୋଗ କରିଥିଲେ । ରଣପୁର ବ୍ଲକ ପ୍ରତିନିଧି ରଞ୍ଜନ କୁମାର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ତାଳଚେର ଠାରେ ବିଶ୍ୱ ଜଳ ଦିବସ ପାଳନ

ତାଳଚେର(ନିପ୍ର): ପର୍ଯ୍ୟାବରଣ ସଂରକ୍ଷଣ ଗତି ବିଧି ଅନୁଗୁଳ ଜିଲ୍ଲା ତରଫରୁ ବିଶ୍ୱ ଜଳ ଦିବସ ପବିତ୍ର ବ୍ରାହ୍ମଣୀ ନଦୀକୂଳରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପାଳିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅସିତ୍ କୁମାର ସାହୁ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହପ୍ରାନ୍ତ ପ୍ରଚାରକ, ପୂର୍ବପ୍ରାନ୍ତ ଓ ବିଶିଷ୍ଟ ଅତିଥି ଭାବେ ତନ୍ମୟ କୁମାର ମହାପାତ୍ର , ପ୍ରାନ୍ତ ବୌଦ୍ଧିକ ପ୍ରମୁଖ, ଶାନ୍ତନୁ ମାଝୀ, ପୂର୍ବ ପ୍ରାନ୍ତ ସେବା ପ୍ରମୁଖ, ଚିନୟ କୁମାର ରଥ, ଢ଼େଙ୍କାନାଳ ବିଭାଗ ପ୍ରଚାରକ, ବରିଷ୍ଠ ସ୍ୱୟଂ ସେବକ ପର୍ଶୁରାମ ବାରିକ ଓ ସହ ଜିଲ୍ଲା କାର୍ଯ୍ୟବାହ ବାବୁଲି ସାମଲ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମାୟାଧର ସାହୁ, ବରୁଣ କୁମାର ସାହୁ,




ଗୋବର୍ଦ୍ଧନ ପୀଠ ର ସେବା ସଚିବ ଯୋଗ ଦେଇଥିଲେ । ଅନୁଗୁଳ ଜିଲ୍ଲା ପର୍ଯ୍ୟାବରଣ ପ୍ରମୁଖ ଆଇନଜିବୀ ବାଉରୀବନ୍ଧୁ ବେଜ ଅତିଥି ପରିଚୟ ଓ ଦିବରର ମହତ୍ୱ ସମ୍ବନ୍ଧରେ ସୂଚନା ଦେଇଥିଲେ । ସମ୍ମାନନୀୟ ମୁଖ୍ୟଅତିଥି ମାର୍ଗ ଦର୍ଶନରେ କହିଥିଲେ ମଧୁର ଜଳର ପରିମାଣ ହ୍ରାସ, ଜଳର ଦୂଷିତୀ କରଣ ଏବେଠାରୁ ପୃଥିବୀ ପାଇଁ ସଙ୍କଟ ସୃଷ୍ଟି କରି ଲାଣି । ସମଗ୍ର ପ୍ରାଣୀ ସମାଜ ଏବେଠାରୁ ସତର୍କ ନହେଲେ ଆଗାମୀ ପିଢୀପାଇଁ ଜୀବନ ଧାରଣ ଦୁର୍ବି ସହ ହୋଇଯିବ ତେଣୁ ବର୍ତମାନଠାରୁ ସଚେତନ ଓ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଶେଷରେ ପର୍ଶୁରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ସେତୁ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜଳ ପ୍ରକଳ୍ପ ଲୋକାର୍ପିତ



ଧାମନଗର(ନିପ୍ର): ଧାମନଗର ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭିନ୍ନ ପଂଚାୟତ ପରିଦର୍ଶନ କରି ଅନେକ ଜନହିତକର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଗୋବିନ୍ଦପୁର ଠାରେ କପାଳି ନଦୀ ଉପରେ ଏଲ୍-୭୧ ରୁ ଇଛାପୁର ରାସ୍ତାରେ ନିର୍ମିତ ନୂତନ ସେତୁ ଲୋକାର୍ପିତ ହୋଇଛି । ଏଥିସହ ଗଡ଼ିଆଳି ପଂଚାୟତରେ ରେବ ନଦୀ ଉପରେ ବହୁ ପ୍ରତୀକ୍ଷିତ କାକୁଡ଼ିଗଡ଼ିଆ ସେତୁର ଶିଳାନ୍ୟାସ କରାଯାଇଛି । ଭଟ୍ଟସାହି ପଂଚାୟତରେ ’ସେତୁ ବନ୍ଧନ ଯୋଜନା’ରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଉପରେ ଏକାଧିକ ସେତୁ ଏବଂ ନଦୀ ତଟ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ ହୋଇଛି । ଏହି ପ୍ରକଳ୍ପଗୁଡ଼ିକ ଅଂଚଳରେ ଶିକ୍ଷା ଓ ବାଣିଜ୍ୟର ବିକାଶ ସହ ହଜାର ହଜାର ଲୋକଙ୍କ ଗମନାଗମନ ସମସ୍ୟାର ସ୍ଥାୟୀ ସମାଧାନ କରିବ । ବିଶ୍ୱ ଜଳ ଦିବସ ଅବସରରେ ଖପରପଦା ପଂଚାୟତରେ ‘ଜଳ ଜୀବନ ମିଶନ’ ଅଧୀନରେ ୧.୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କିର ଉଦଘାଟନ ହୋଇଛି । ‘ଜଳ ଅର୍ପଣ’ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସରକାରଙ୍କ ଲକ୍ଷ୍ୟ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ସେହିପରି ଖଡ଼ିପଦା ପଂଚାୟତରେ ପାଣି ଟାଙ୍କି ଉଦଘାଟନ ସହ ଜଳ ଅର୍ପଣ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ କୋଠାର ପଂଚାୟତ ଯାତ୍ରୀ ବିଶ୍ରାମାଗାର ଠାରେ ଶୀତଳ ପାନୀୟ ଜଳ ବ୍ୟବସ୍ଥାର ମଧ ଶୁଭାରମ୍ଭ କରାଯାଇଛି । ଗ୍ରାମାଂଚଳରେ ଗୁଣାତ୍ମକ ଚିକିତ୍ସା ପାଇଁ ଅସୁରାଳିଠାରେ ୭୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ‘ଆୟୁଷ୍ମାନ ଆରୋଗ୍ୟ ମନ୍ଦିର’ ଉଦଘାଟିତ ହୋଇଛି । ଏହାସହ ଖଡ଼ି ମାହାରା ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଓ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ବିକଶିତ ଧାମନଗର ଗଠନ ଦିଗରେ ଏହି ଅଭିଯାନ ନିରନ୍ତର ଜାରି ରହିବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସଂଧ୍ୟା ରେ ଦୋବଲ କାଳୀ ପଡିଆ ଠାରେ ଏକ ସାଧାରଣ ସଭାରେ ଯୋଗ ଦେଇ ଥିଲେ ।

# ସଡ଼କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ



କଟକ(ନିପ୍ର): ସଡ଼କ ସୁରକ୍ଷାକୁ ଦୃଢ଼ କରିବା ଓ ଯାତାୟାତ ନିୟମ ଉଲ୍ଲଙ୍ଘନକୁ ରୋକିବା ପାଇଁ ଆଂଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶଙ୍କ ନିର୍ଦ୍ଦେଶରେ ଏକ ବିଶେଷ ଅଭିଯାନ କରାଯାଇଛି । ମଙ୍ଗୁଳି, ଓମପି, ତ୍ରିଶୁଳିଆ , ବାଙ୍କୀ ରୋଡ, କନ୍ଦରପୁର, ନରାଜ ଓ କିଶନ ନଗର ଅଂଚଳରେ କଡାକଡି ଭାବେ ସମସ୍ତ ଯାଂଚ କରାଯାଇ ପଦକ୍ଷେପ ଗ୍ରହଣ କରାଯାଇ ଥିଲା । ଏହି ଅଭିଯାନରେ ମୋଟ ୨୧୯ଟି ଚାଲାଣ ଆଦାୟ କରାଯାଇଛି । ଏଥିରେ ଦ୍ରୁତଗତିରେ ୮୪ଟି, ହେଲମେଟ୍ ନ ପିନ୍ଧିବା ୩୭ଟି, କର ଅଦାୟ ୫୮ଟି, ନୋ ପାର୍କିଂ ୧୦ଟି, ତ୍ରିପଲ୍ ରାଇଡିଂ ୩ ଟି, ମୋବାଇଲ୍ ବ୍ୟବହାର କରି ଡ୍ରାଇଭିଂ ୩ଟି, ଓଭରଲୋଡ୍ ୨ଟି, ଓଡିସି ୨ଟି, ଭୁଲ ପଥରେ ଚାଳନା ୨ଟି, ଜିଭିସିପି ୨ ଟି, ଏଫ୍ସି/ଆଇସି/ଆର୍ପି ସମ୍ବନ୍ଧୀୟ ୧୫ ଟି ଓ ମଦ୍ୟପାନ କରି ଡ୍ରାଇଭିଂ ରେ ଗୋଟିଏ ମାମଲା ଚିହ୍ନଟ ହୋଇଛି । ଏଥି ସହିତ, ସାଧାରଣ ଲୋକମାନଙ୍କ ମଧ୍ୟରେ ସଡକ ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର, ଡ୍ରାଇଭିଂ ସମୟରେ ମୋବାଇଲ୍ ବ୍ୟବହାର ନ କରିବା ଓ ଯାନରେ ରିଫ୍ଲେକ୍ଟିଭ୍ ଟେପ୍ ବ୍ୟବହାର ବିଷୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଥିଲା । ଏହି ଅଭିଯାନରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଦାଶଙ୍କ ସମେତ ମୋଟର ଭେଇକିଲ୍ ଇନ୍ସପେକ୍ଟର ରୂପାଲିନ୍ ବାହୁବଳେନ୍ଦ୍ର, ଟ୍ରାଫିକ ଇନ୍ସପେକ୍ଟର ରଞ୍ଜନ କୁମାର ଡୋରା, ସହକାରୀ ମୋଟର ଭେଇକିଲ୍ ଇନ୍ସପେକ୍ଟର ନିହାରିକା ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ମଧ ଏହିପରି ଅଭିଯାନକୁ ଆହୁରି ତୀବ୍ର କରାଯିବ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି ।

# ବିଧାୟିକା ସୁବାସିନି ଜେନାଙ୍କୁ ବିଜେଡିରୁ ନିଲମ୍ବନ୍ ପରେ ଶକ୍ତି ପ୍ରଦର୍ଶନ

ବାଲିଆପାଳ(ନିପ୍ର): ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ ପାଇଁ ବିଧାୟିକା ସୁବାସିନି ଜେନାଙ୍କୁ ଶନିବାର ଦଳରୁ ନିଲମ୍ବନ ପରେ ରବିବାର ବସ୍ତା ନିର୍ବାଚନ ମଣ୍ଡଳୀରେ ବଡ଼ ଧରଣର ହଲଚଲ ହେଇଥିବାର ଦେଖିବାକୁ ମିଳିଛି । ନିଲମ୍ବନ ପରେ ରବିବାର ବିଧାୟିକା ଶ୍ରୀମତି ଜେନା ବସ୍ତାରେ ଶକ୍ତି ପ୍ରଦର୍ଶନ କରିଛନ୍ତି । ନିଲମ୍ବନକୁ ବିରୁଦ୍ଧ କରି ହଜାର ହଜାର କର୍ମୀଙ୍କ ଉପସ୍ଥିତିରେ ବହୁ ତୁଙ୍ଗ ନେତା ଓ କର୍ମୀ ଶନିବାର ବିଜେଡି ଦଳ ଛାଡିଛନ୍ତି ।ବିଧାୟିକା ଶ୍ରୀମତୀ ଜେନାଙ୍କ ହଜାର ହଜାର କର୍ମୀ ଦଳୀୟ ପଦାଧିକାରୀ ଓ ନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟ, ସରପଂଚ, ସମିତି ସଦସ୍ୟ ଏବଂ ୱାର୍ଡ ମେମ୍ବର ମାନେ ଆଜି ଦଳ ଛାଡି ବିଧାୟିକାଙ୍କ ସାଥିରେ ଥିବା ପ୍ରମାଣ ଦେଇଛନ୍ତି ।ସେମାଙ୍କ ମଧ୍ୟରୁ ବସ୍ତା ବ୍ଲକ ବିଜେଡି ସଭାପତି ଅନିଲ ମହାନ୍ତି , ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,୨୧ ନଂ ଜୋନର ଜିଲ୍ଲାପରିଷଦ ସଦସ୍ୟା କଂଚନ ଜେନା,୧୭ ନଂ ଜୋନର ଜିଲ୍ଲାପରିଷଦ ସୁଜାତା ରାଣି ଦଣ୍ଡପାଟ, ବସ୍ତା ବିଜେଡି ମହିଳା ସଭାପତି ଲିପିକା ରାଉଳ, ବାଲେଶ୍ୱର ଜିଲ୍ଲା ଉପ ସଭାପତି ସୁବ୍ରତ ପଣ୍ଡା , ଗଡ଼ପଦା ପଂଚାୟତ ସଭାପତି ନାରାୟଣ ନାୟକ , ବରୁଣଗଡିଆ ପଂଚାୟତ ସଭାପତି କୁନା ରାଉତ, କୁଡ଼ିଆ ପଂଚାୟତର ସରପଂଚ ଗୌରାଙ୍ଗ ବେହେରାଙ୍କ ସମେତ ବହୁ ସରପଂଚ , ସମିତି ସଦସ୍ୟ ଛାତ୍ର ସଭାପତି ଦଳ ଛାଡ଼ିବା ପରେ ବିଧାୟିକା ଶ୍ରୀମତୀ ଜେନାଙ୍କ ହଜାର ହଜାର ସମର୍ଥକ ମାନେ ଲଙ୍ଗଳେଶ୍ୱର ସ୍ଥିତ ବାସଭବନରେ ଏକତ୍ରିତ ହୋଇ ବୈଠକ କରିଥିଲେ । ଏହି ବିରାଟ ବୈଠକରେ ବସ୍ତା ବିଧାୟିକା ଶ୍ରୀମତୀ ଜେନା ଯୋଗ ଦେଇ କହିଥିଲେ କି ମୁଁ ଲୋକଙ୍କ ସେବା ଯେମିତି କରୁଥିଲି ଆଗକୁ ମଧ ସେମିତି ଲୋକଙ୍କ ସେବା କରିବି । ଆହୁରି ମଧ ସେ କହିଥିଲେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ଅନୁରୋଧ କ୍ରମେ ବସ୍ତା ନିର୍ବାଚନ ମଣ୍ଡଳୀକୁ ତିନି ଦିନରେ ତିନି କୋଟି ଟଙ୍କାର ପ୍ରକଳ୍ପ ଦେଇଛନ୍ତି ।ଆଗାମୀ ଦିନରେ ଆମ ନିର୍ବାଚନ ମଣ୍ଡଳୀକୁ ଅଧିକ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇ ଥିବା କଥା କହିଥିଲେ । ଏହା ଫଳରେ ବସ୍ତା ନିର୍ବାଚନ ମଣ୍ଡଳୀର ବିକାଶର ସହାୟକ ହୋଇ ପାରିବ । ଏହି ଅବସରରେ ବିଧାୟିକା ଶ୍ରୀମତୀ ଜେନାଙ୍କ ସମର୍ଥକ ମାନେ ବିଧାୟିକାଙ୍କ ସହିତ ରହି ତୃଣ ମୂଳ ସ୍ତରରୁ ଜାଗ୍ରତ ସିପାହୀ ଭଳି କାର୍ଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

No. 34001/237/2526

WORKS DEPARTMENT
OFFICE OF THE SUPERINTENDING ENGINEER,
BHADRAK (R&B) DIVISION
e-mail: - bhadrakrnbdivision@gmail.com
Government of Odisha “e” Procurement Notice
Bid Identification No. SE (R&B) BDK - 45 / 2025 - 26
No . 28751 , dt. 19.03.2026

Nature of work :- Civil Works and EI Works
Number of works :- 5 (Five) No’s
Amount put to Tender: - Rs.7.72 to 36.69Lakhs
Class of Contractor: - C & D & HT Class
original Equipment Manufacturer / Manufacturer Company
Date & Time of availability of bid document in the portal: - ... 23.03.2026 at 11:00 AM
Last Date / Time of receipt of bid in the portal: .....29.03.2026 up to 05:00 PM
Date of opening of bid : - Dt. 30.03.2026 at 11:30 AM
Name & address of the Office inviting bid: - Superintending Engineer, Bhadrak (R&B), Division.
The bidders have to participate in ONLINE bidding only.
Further details can be seen from the e-procurement portal “http//tendersodisha.gov.in.”
All future corrigendum will be available on ONLINE mode only.

OIPR. 34001/34079/1/25-26/0003

Sd/-
Superintending Engineer
Bhadrak (R&B) Division

# ଉଚ୍ଚସ୍ତରୀୟ ତଦନ୍ତ ନ ହେଲେ ଆନ୍ଦୋଳନ ଚେତାବନୀ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ୬ ପଂଚାୟତକୁ ସଂଯୋଗ କରୁଥିବା ତଥା କଚ୍ଛପ ଗତିରେ ଚାଲୁଥିବା କଇଥଗଡିଆ-ଡଙ୍ଗୁରା ରାସ୍ତା ନିର୍ମାଣରେ ଅନିୟମିତତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ଜଣେ କଳା ତାଲିକାଭୁକ୍ତ ଠିକାଦାରଙ୍କ ତତ୍ୱାବଧାନରେ ବର୍ତମାନ ଏହି କାର୍ଯ୍ୟ ଚାଲୁଥିବାରୁ ପ୍ରତ୍ୟେକଟି କାର୍ଯ୍ୟରେ ଦୁର୍ନିତି ଜଳ ଜଳ କରି ବାହାରକୁ ଦେଖାଯାଉଛି । ଯଦି ଶେଷ ହୋଇଥିବା କାର୍ଯ୍ୟର ଉଚ୍ଚ ସ୍ତରୀୟ ତଦନ୍ତ କରାନଯାଏ ବା ବର୍ଷାଦିନ ପୂର୍ବରୁ ରାସ୍ତା ଏବଂ ପୋଲ ଶେଷ କରିବାକୁ ଦୃଷ୍ଟି ଦିଆନଯାଏ ତେବେ ୬ ପଂଚାୟତର ଜନସାଧାରଣ ସୋର-କୁପାରୀ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଆସୁଥିବା ଏହି ରାସ୍ତାର ୫.୧୫୬କିମି ରାସ୍ତାରେ କଂକ୍ରିଟ ଓ ପିଚୁ କରାଯିବାକୁ ପାଖାପାଖି ୨କୋଟି ୮୧ଲକ୍ଷ ଟଙ୍କା ଟଙ୍କା ପ୍ରଦାନ କରାଯାଇ ଥିଲା । ରାସ୍ତାର କାମପାଇଁ ଶୁଭ୍ରାଂଶୁ ଶେଖର ନାୟକ ଟେଣ୍ଡର ନେଇଥିଲେ ହେଁ ଅନ୍ୟ ଜଣେ କଳାତାଲିକାଭୁକ୍ତ ଠିକଦାରଙ୍କ ଜରିଆରେ ଏହି କାମ ଚାଲିଥିବାରୁ ପେବର ବ୍ଲକ ଟାଇଲ ବିଛାଣ, ମେଟାଲିଂ, ଡଷ୍ଟ ବିଛାଯିବା ଭଳି ପ୍ରତ୍ୟେକ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି । ସେହିଭଳି ତୋରାଣିପଦା ପଳସା ମଝିରେ ଗେଙ୍ଗୁଟି ନଦୀ ଉପରେ ପୁରୁଣା ପୋଲ ନିକଟରେ ନୁଆପୋଲ ଫାଉଣ୍ଡେସନ ଖୋଳା ରେ ସିମିତ ରହିଛି । ଯାତ୍ରୀମାନେ ବିପଦସଂକୁଳ ଅବସ୍ଥାରେ ଥିବା ଏହି ପୁରୁଣା ପୋଲ ଉପରେ ଭୟାତୁର ଅବସ୍ଥାରେ ଯାତାୟାତ କରୁଛନ୍ତି । ରାସ୍ତାର କଇଥଗଡିଆ ନିକଟରେ ପ୍ରଥମେ ରାସ୍ତା କାମ ଆରମ୍ଭ କରି ଅସଂପୂର୍ଣ୍ଣ ଅବସ୍ଥାରେ ଛାଡି ଦିଆଦିଆଯାଇଥିବାରୁ ଏବେ ଲୋକଙ୍କ ଯାତାୟାତ ମୁସ୍କିଲ ହୋଇ ପୋଡିଛି । ସେହିଭଳି ଆଳଦା ଛକରୁ ମଡାପଦା ପର୍ଯ୍ୟନ୍ତ ନିର୍ମିତ କଂକ୍ରିଟ ରାସ୍ତା କଡ ମାଟି ଫିଲିଂ କରାଯାଉନଥିବାରୁ ରାସ୍ତାକଡରେ ପାଣି ଜମିରହିବା ସହ ଛୋଟବଡ ଦୁର୍ଘଟଣା ଘଟୁଛି । ୧ମାସ ତଳେ ଉକ୍ତ ରାସ୍ତାରେ ବିଭାଗୀୟ ତଦନ୍ତ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଠିକାଦାରଙ୍କ ଉପରେ କୌଣସୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏଭଳି ତଦନ୍ତର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତଙ୍କ ପ୍ରତିକ୍ରିୟା ନିଆଯିବାରେ ଠିକାଦାରଙ୍କୁ କାର୍ଯ୍ୟ ସମ୍ପର୍କରେ ଚିଠି କରାଯାଇଛି । ଯଦି କାମର ମାନ ଠିକ ନରୁହେ ତେବେ ବିଲ ଦିଆଯିବ ନାହିଁ ।

No. 13001/727/2526

ବାରିପଦା ପୌରପରିଷଦ କାର୍ଯ୍ୟାଳୟ


ସଂଖ୍ୟା. ୧୩୭୧ ତା.୧୯.୦୩.୨୦୨୬

ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାରିପଦା ପୌରପରିଷଦ ଅନ୍ତର୍ଗତ ତିନି କୋଣିଆ ଦୋଳି ପଡ଼ିଆକୁ ତା.୦୧.୦୪.୨୦୨୬ରିଖ ଠାରୁ ତା୩୧.୦୩.୨୦୨୭ରିଖ ପର୍ଯ୍ୟନ୍ତ ୧ (ଏକ) ବର୍ଷ ନିମନ୍ତେ ନିଲାମ ଦିଆଯିବା ପାଇଁ ସ୍ଥିର କରାହୋଇଛି । ଇଚ୍ଛୁକ ବ୍ୟକ୍ତି / ଅନୁଷ୍ଠାନ ପୌରପରିଷଦର ନିର୍ଦ୍ଧାରିତ ସର୍ତ ଅନୁଯାୟୀ ପୌରପାଳିକା କାର୍ଯ୍ୟାଳୟରୁ ତା୨୦.୦୩.୨୦୨୬ରିଖ ଠାରୁ ତା୩୧.୦୩.୨୦୨୬ରିଖ ମଧ୍ୟରେ ଟ.୫,୦୦୦.୦୦ଙ୍କା (ପାଂଚ ହଜାର ଟଙ୍କା) ବିନିମୟରେ ଫର୍ମ କ୍ର କରିପାରିବେ । ଉକ୍ତ ଫର୍ମ ଗୁଡ଼ିକୁ ଉଭୟ ସ୍ପିଡ଼ି ପୋଷ୍ଟ କିମ୍ବା ପୌରପାଳିକା କାର୍ଯ୍ୟାଳୟ ଡ୍ରପ ବାକ୍ସ ମାଧ୍ୟମରେ ନିବିଦା ଫର୍ମ ପକାଇପାରିବେ । ଉକ୍ତ ଫର୍ମ ପକାଇବାର ଶେଷ ତାରିଖ ତା୩୧.୦୩.୨୦୨୬ରିଖ ଦିବା ୩ ଘଟିକା । ଏହି ନିର୍ଦ୍ଧାରିତ ସମୟ ସୁଦ୍ଧା ନିବିଦା ଫର୍ମ ଦାଖଲ ହେବା ଆବଶ୍ୟକ । ନିବିଦା ଗୁଡ଼ିକ ସେହିଦିନ ଅର୍ଥାତ୍ ତା୩୧.୦୩.୨୦୨୬ରିଖ ଅପରାହ୍ନ ୪ ଘଟିକା ସମୟରେ କର୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦା ଦାତା / କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । ଏହି ଦିବିଦା ସମ୍ବନ୍ଧୀୟ ବିବରଣୀ କାର୍ଯ୍ୟାଳୟ ଦୋକାନ ଗୃହ ବିଭାଗରୁ କାର୍ଯ୍ୟ ଦିବସମାନଙ୍କରେ ଅବଗତ ହୋଇପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଗତେ ପ୍ରାପ୍ତ ନିବିଦା ଗୁଡ଼ିକ ବିଗ୍ଚରଯୋଗ୍ୟ / ଗ୍ରହଣଯୋଗ୍ୟ ହେବ ନାହିଁ ।

ସ୍ୱା/-
କାର୍ଯ୍ୟନିର୍ବାହୀ ଅଧିକାରୀ
ବାରିପଦା ପୌରପରିଷଦ

OIPR. 13001/13078/1/25-26/0030





ନିଜ ବିବେକର ନିର୍ଦ୍ଦେଶ ମାନି କାର୍ଯ୍ୟ କଲେ ଯେଉଁ ଆନନ୍ଦ ମିଳେ, ସେ ଆନନ୍ଦ ଅନ୍ୟ କେଉଁଠାରୁ ମିଳେ ନାହିଁ । (ସେନୋକା)

# ଆଜିକାଲି



ଯୋଗସ୍ଥ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ ।
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ :ହେ ଧନଞ୍ଜୟ ! ତୁମେ ଆସକ୍ତି ତ୍ୟାଗ କରି କର୍ମ କର । ସିଦ୍ଧି ଓ ଅସିଦ୍ଧିରେ ସମାନ ବୁଦ୍ଧି ରଖ ଯୋଗସ୍ଥ ହୋଇ କର୍ତ୍ତବ୍ୟ କର୍ମ କର । ଏହା ସମଜ୍ଞାନ । ଏହି ସମତ୍ୱକୁ ହିଁ ଯୋଗ କୁହାଯାଏ

## ଜୀବନ ଓ ଜଳବାୟୁର ସୁରକ୍ଷା

ପାଣିପାଗ ସଂଗଠନର ସଦସ୍ୟ ରାଜ୍ୟମାନଙ୍କ ଦ୍ୱାରା ପ୍ରତି ବର୍ଷ ମାର୍ଚ୍ଚ ୨୩ ତାରିଖ ବିଶ୍ୱ ପାଣିପାଗ ଦିବସ ପାଳନ କରାଯାଏ । ଉତମ ଜୀବନ ଓ ଭବିଷ୍ୟତ ପାଇଁ ଜଳବାୟୁ ଉପରେ ଲଗାତାର ନଜର ରଖିଥିବା ବିଶ୍ୱ ପାଣିପାଗ ସଂଗଠନର ସ୍ଥାପନା ଦିବସ ଉପଲକ୍ଷ୍ୟରେ ବିଶ୍ୱର ପ୍ରାୟ ୧୯୧ଟି ପାଣିପାଗ ସଂଗଠନ ଓ ବିଶ୍ୱସ୍ତରୀୟ ପାଣିପାଗ ସମୁଦାୟ ଦ୍ୱାରା ଏହି ଦିବସର ଏକ ବିଷୟ ଚୟନ କରି ପାଣିପାଗ ଦିବସ ପାଳନ କରାଯାଏ । ୧୯୬୧ ମସିହା ମାର୍ଚ୍ଚ ୨୩ ଠାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ଜନମଙ୍ଗଳକୁ ଧ୍ୟାନରେ ରଖି ଦୈନିକ ଜୀବନରେ ପାଣିପାଗ ବିଷୟରେ ସମ୍ୟକ ଧାରଣା ଦେବା ଲକ୍ଷ୍ୟରେ ଏକ ବଡ଼ ପାଣିପାଗ ଷ୍ଟେସନ୍ ନେଟୱର୍କ ସ୍ଥାପନ ପାଇଁ ପାଣିପାଗ ସଂଗଠନ ସ୍ଥାପନା ହୋଇଥିଲା । ସେତିକି ନୁହେଁ, ଜଳ ସନ୍ଧାନ ସୁରକ୍ଷା, ଖାଦ୍ୟ ସୁରକ୍ଷା ଓ ପରିବହନ କ୍ଷେତ୍ରରେ ମଧ୍ୟ ଏହା ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏ ଅବସରରେ ବିଶ୍ୱ ପାଣିପାଗ ସଂଗଠନ ପକ୍ଷରୁ ସାଇଂଟିଫିକ୍ ଆଣ୍ଡ ଟେକ୍ନିକାଲ ଫୋରମ୍ ଆୟୋଜିତ ହୋଇଥାଏ । ବିଶ୍ୱ ପାଣିପାଗ ନିରୀକ୍ଷଣର ଅତୀତ ଗତିବିଧି ଓ କୃତିତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ ଏହାର ପୁନଃର୍ବିନ୍ୟାସ ପାଇଁ ସଙ୍ଗଠନ ରଣନୀତି ପ୍ରସ୍ତୁତ କରିଥାଏ । ସଂପ୍ରତି ବିଶ୍ୱ ଚିତ୍ରପଟ୍ଟ ଯାହା ପାଣିପାଗ ସ୍ୱାଭାବିକ ଭାବେ ନିର୍ଭରଶୀଳ ହେଉଛି ପ୍ରକୃତିର ଜୀବନଚିତ୍ରକୁ ନେଇ । କାରଣ ବର୍ତ୍ତମାନ ଆମେ ଯେଉଁପରି ଭାବେ ଉତାପକୁ ସାମ୍ନା କରୁଛେ ଓ ବିଶ୍ୱରେ ଉଦ୍‌ବେଗଜନକ ଭାବରେ ପରିବେଶ ଯେଉଁପରି ଭାବେ ବିଭିନ୍ନ ପ୍ରତିବନ୍ଧକକୁ ସାମ୍ନା କରୁଛି ଏହା ଆଗାମୀ ଦିନରେ ଜଳବାୟୁ ଓ ପରିବେଶକୁ ଭୀଷଣ ଭାବେ ପ୍ରଭାବିତ କରିବା ସହ ପ୍ରଦୂଷିତ କରିବାର ସମ୍ଭାବନା ରହିଛି ବୋଲି ପରିବେଶବିତ୍‌ମାନେ ମତବ୍ୟକ୍ତ କରୁଛନ୍ତି । ବିଭିନ୍ନ ରାସାୟନିକ ପଦାର୍ଥ ଓ ବାୟୁ ପ୍ରଦୂଷଣର ମାତ୍ରାକୁ ବଢ଼ାଇବା ସହ ବିଶ୍ୱରେ ଓଜୋନ ସ୍ତର ଅହେତୁକ ଭାବେ ଅବକ୍ଷୟମୁଖୀ ହେଉଛି । ତେଣୁ ଆସନ୍ତୁ ବିଶ୍ୱ ପାଣିପାଗ ଦିବସ ଅବସରରେ ଆମ୍ଭେମାନେ ନିଜ ପରିବେଶ ଓ ଜଳବାୟୁକୁ କିପରି ସୁରକ୍ଷିତ ରଖିବା ଏଥିପାଇଁ ଯତ୍ନବାନ ହେବା । ବ୍ୟାପକ ବୃକ୍ଷରୋପଣ ସହ କଂକ୍ରିଟର ଜଙ୍ଗଲ ବଢ଼ାଇବା ଅପେକ୍ଷା କିପରି ପରିବେଶକୁ ସନ୍ତୁଳନ ରଖିବା ପାଇଁ ଆମ୍ଭେ ମାନେ ପାରମ୍ପରିକ ବ୍ୟବସ୍ଥାକୁ ଆପଣାଇବା ଏହା ହିଁ ବିଶ୍ୱ ପାଣିପାଗ ଦିବସର ବାର୍ତା ହେଉ ।

## ଗୃହିଣୀଙ୍କ ଜାଣିବା ପାଇଁ

- ସାବୁନ ଖଣ୍ଡମାନଙ୍କୁ ଖରାରେ ଶୁଖାଇ ପାଉଡର କରନ୍ତୁ । ବାସନ ମାଜିବା କାମରେ ଲାଗିବ ।
- କୌଣସି ପତ୍ର ଜାତୀୟ ପରିବା ରାନ୍ଧୁଥିଲେ ସେଥିରେ ଚିନି ମିଶାନ୍ତୁ । ଏହାଦ୍ୱାରା ଏହାର ଭିଟାମିନ୍ ନଷ୍ଟ ହେବନାହିଁ ।
- ପ୍ରେସର୍ କୁକରର ରବର ଢିଲା ହୋଇଯାଇଥିଲେ ତାକୁ କିଛି ସମୟ ଫ୍ରିଜ୍‌ରେ ରଖିଦିଅନ୍ତୁ ।
- ଭୃର୍ସୁଙ୍ଗ ପତ୍ରକୁ ଅଧିକ ଦିନ ରଖିବା ପାଇଁ କାଗଜରେ ଗୁଡ଼େଇ ରଖନ୍ତୁ ।
- ଦର୍ପଣ ମଇଳା ହୋଇଯାଇଛି ? ବ୍ୟବହାର କରାଯାଇଥିବା ଚା'ପତିକୁ ପାଣିରେ ପକାଇ ସେଥିରେ ଦର୍ପଣ ସଫା କରନ୍ତୁ । କାଚ ଉଜ୍ଜ୍ୱଳ ହୋଇ ଉଠିବ ।
- ନୂଆ ଆଇନା ଉପରେ ଲଗାଯାଇଥିବା ଲେବୁଲ୍ ପ୍ରାୟ ନିଜର ଦାଗ ରଖିଦିଏ ଏହାକୁ ପରିଷ୍କାର କରିବାକୁ ଥିନର୍ ବ୍ୟବହାର କରନ୍ତୁ ।
- ଚକ୍ ପାଉଡରରେ କିଛି ସ୍ପିରିଟ୍ ମିଶାଇ ସଫା କଲେ ଦର୍ପଣ ଚକ୍‌ଚକ୍ କରିଉଠେ ।
- ମାଇକ୍ରୋୱେଭ୍ ଓଭନ୍‌ରେ ଖାଦ୍ୟ ପ୍ରସ୍ତୁତ କରିବାବେଳେ ସବୁବେଳେ ଗୋଲାକାର ଆକୃତିର ପାତ୍ର ବ୍ୟବହାର କରନ୍ତୁ । କାରଣ ଗୋଲାକୃତି ଆକାରରେ ତାପମାତ୍ରା ଖୁବ୍‌ଶୀଘ୍ର ଖେଳେଇ ହୋଇଯାଏ ।
- ରୋଷେଇ ଘରେ ବା ଘରର କୌଣସି ସ୍ଥାନରେ ଜନ୍ଦା ହେଉଥିଲେ ତା' ଉପରେ ଲୁଣ ଛିଂଚି ଦିଅନ୍ତୁ । ଦେଖିବେ ଜନ୍ଦା ଆଉ ହେବେନାହିଁ ।
- ମାଂସ ରାନ୍ଧିବାବେଳେ ସେଥିରେ ଆମ୍ବପତ୍ର ପକାଇଲେ ଏହା ଶୀଘ୍ର ସିଝିଯିବ ।

# ଶାନ୍ତି, ସହିଷ୍ଣୁତା ଏବଂ ସମନ୍ୱୟତାର ବାର୍ତାବହ

◆ ମୌଲାନା ଫଜଲ ହକ ଖାଁ

(ପ୍ରତିଶ୍ରୁତ ମସିହ ଦିବସ ଉପଲକ୍ଷେ)



୨୩ ମାର୍ଚ୍ଚ ହେଉଛି ଇସଲାମ ଇତିହାସରେ ଏକ ମହାନ ଦିବସ । ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଦାସାନୁଦାସ ଜଣେ ମୁସଲିମ ସନ୍ଥ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ୧୮୮୯ ମାର୍ଚ୍ଚ ୨୩ ତାରିଖରେ ଭାରତ ବର୍ଷର ପାବ ପ୍ରଦେଶର ଲୁଧିଆନା ଠାରେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ନାମକ ଏକ ଆଧାତ୍ମିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଇସଲାମ ଧର୍ମର ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ତା'ର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ଉପସ୍ଥାପନ କରିବା ଓ ଏହାର ମୂଳ ଲକ୍ଷ ହେଲା ମାନବ ସମାଜକୁ ଇସଲାମ ଏକ ଶାନ୍ତି ଓ ନିରାପତାର ଧର୍ମ ବୋଲି ବୁଝାଇବା । ସେହିପରି ଇସଲାମ ଆଳରେ ଜେହାଦ ନାମ ନେଇ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ସେମାନଙ୍କ ବିକୃତ ମାନସିକତାର ଦୃଢ ପ୍ରତିବାଦ କରିବା ସହିତ ଏହା ଜଣାଇବା ଯେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ବିନା ଭେଦଭାବରେ ସମଗ୍ର ମାନବ ଜାତି ପାଇଁ କରୁଣାର ସାଗର ହୋଇ ଆସିଥିଲେ । ଅଜଣା ବସ୍ତି କାଦିଆନ (ପାବ)ରୁ ଉଠିଥିବା ଏହି ଆଧାତ୍ମିକ ଗୁନ ଆଜି ବିଶ୍ୱର ଚତୁଃପାର୍ଶ୍ୱରେ ପ୍ରସାରିତ ହୋଇଚାଲିଛି ।''ଏବେ ବି ଏହି ପୁଷ୍ପ ବାଟିକାରେ ଆରାମ ଓ ଶାନ୍ତି ପ୍ରାପ୍ତ ହେଉଛି''ର ଘୋଷଣା କରିବା ସହ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ଅଲ୍ଲାଃ ପରମବ୍ରହ୍ମ ମୋତେ ସମ୍ବୋଧନ କରି କହିଛନ୍ତି ଯେ, ମୁଁ ତୋତେ ଆଶ୍ଚର୍ଯ୍ୟଜନକ ଭାବେ ଉନ୍ନତି ପରେ ଉନ୍ନତି ଦେଇଚାଲିବି ଏପରି କି ରାଜା ମହାରାଜା ମାନେ ମଧ୍ୟ ତୋ ଠାରୁ ଉନ୍ନତିର ଆଶାଇ ହେବେ । ମନେରଖ ଏହା ହେଉଛି ପରମେଶ୍ୱରଙ୍କ ବାଣୀ ଯାହାକି ନିଶ୍ଚିତ ଭାବରେ ଦିନେ ପୂରଣ ହେବ । ସୁତରାଂ ହଜରତ ଅହମଦ ସେହି ପ୍ରତିଶ୍ରୁତ ମସିହ ହେବାର ଘୋଷଣା କରିବା ସମୟରେ ସେ ମାତ୍ର ଜଣେ ବ୍ୟକ୍ତି ଥିଲେ । ଆଜି ବିଶ୍ୱର ୨୧୫ଗୋଟି ରାଷ୍ଟ୍ରରେ ତାଙ୍କର କୋଟି କୋଟି ଅନୁଗାମୀ ଅହମଦି ମାନେ ବସବାସ କରୁଛନ୍ତି । ଅହମଦୀୟା ସମ୍ପ୍ରଦାୟ ଏକ ପକ୍ଷରେ ମନୁଷ୍ୟକୁ ନିଜ ପାଳନକର୍ତାଙ୍କ ସହିତ ସଂପର୍କ ଯୋଡ଼ିବାରେ ଯଥିରୋନାସ୍ତି ପ୍ରୟାସ କରୁଛି ତ ଅନ୍ୟ ପକ୍ଷରେ ଜଣେ ମନୁଷ୍ୟକୁ ପ୍ରେମ କରିବା ପାଇଁ ତାଗିଦ କରୁଛି । ସୁତରାଂ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ତଥା ତାଙ୍କ ଖଲିଫାଗଣ ନିଜର ନୀତିଶିକ୍ଷା ମାଧ୍ୟମରେ ଲକ୍ଷ ଲକ୍ଷ ପଥହରା ମନୁଷ୍ୟଙ୍କୁ ସତପଥକୁ ଟାଣି ଆଣି ପାଳନକର୍ତାଙ୍କ ସହିତ ସେମାନଙ୍କର ସଂଯୋଗ ସ୍ଥାପନ କରି ଦେଇଛନ୍ତି । ଯଦ୍ୱାରା ସେମାନଙ୍କୁ ମିଳିପାରିଛି ଅଲ୍ଲାଃଙ୍କ ସାନିଧ୍ୟ ପ୍ରାପ୍ତିର ଏକ ଦିବ୍ୟ ଅନୁଭବ । ସୁତରାଂ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରାଣ ପ୍ରତିଷ୍ଠାତା କହିଛନ୍ତି; ବର୍ତମାନ ଯୁଗରେ ମୁଁ ଈଶ୍ୱର ପ୍ରେରିତ ସୁଧାରକ ହୋଇ ଆସିବା କେବଳ ମୁସଲମାନ ମାନଙ୍କ ସଂସ୍କାର ପାଇଁ ଅଭିପ୍ରେତ ନୁହେଁ; ବରଂ ମୁସଲମାନ, ହିନ୍ଦୁ, ଖ୍ରୀଷ୍ଟିଆନ ଏହି ତିନି ପ୍ରମୁଖ ଧାର୍ମିକ ସମ୍ପ୍ରଦାୟର ସୁଧାର ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି । ଯେପରି ଅଲ୍ଲାଃ ମୋତେ ମୁସଲମାନ ଓ ଖ୍ରୀଷ୍ଟିଆନ ନିମନ୍ତେ ମସିହ ମଉଦ କରି ପଠାଇଛନ୍ତି, ମୁଁ ସେହିପରି ହିନ୍ଦୁ ପାଇଁ କୃଷ୍ଣ ଅବତାର ରୂପରେ ଆସିଅଛି । ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିଆନ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି । ମୁଁ ମାନବ ସମାଜକୁ ଏପରି ପ୍ରେମ କରେ ଯେପରି ସନ୍ତାନକୁ ତା'ର କରୁଣାମୟୀ ମାତା, ବରଂ ତା' ଠାରୁ ମଧ୍ୟ ଅଧିକ । ମୁଁ କେବଳ ସେହି ମିଥ୍ୟା ମତବାଦର ଶତ୍ରୁ, ଯାହା ସତ୍ୟକୁ ବିନାଶ କରେ । ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତବ୍ୟ । ମିଥ୍ୟା, ଅନେକେଶ୍ୱରବାଦ, ଅତ୍ୟାଚାର ତଥା ପ୍ରତ୍ୟେକ ପ୍ରକାର ଅସଦାଚରଣ, ଅନ୍ୟାୟ ଓ ଦୁଃଶ୍ଚରିତ୍ର କର୍ମକୁ ଅସ୍ୱୀକାର କରିବା ମୋର ନୀତି । ଆମର ସିଦ୍ଧାନ୍ତ ସମଗ୍ର ମାନବଜାତି ପ୍ରତି ସହାନୁଭୂତି । ଯଦି ଜଣେ ପଡ଼ୋଶୀ ଦେଖୁଛି ଯେ ଜଣେ ପାଖ ହିନ୍ଦୁ ଘରେ ନିଆଁ ଲାଗିଛି, ଅଥଚ ତାକୁ ଲିଭାଇବା ପାଇଁ ସେ ଅଂଟା ଭିଡ଼ି ବାହାରୁ ନାହିଁ, ତା'ହେଲେ ମୁଁ ସତ କହୁଛି ଯେ ସେହି ବ୍ୟକ୍ତି ମୋର କେହି ନୁହେଁ । ଯଦି ମୋର ଅନୁଗାମୀ ମାନଙ୍କ ମଧ୍ୟରୁ କେହି ବ୍ୟକ୍ତି ଦେଖୁଛି ଯେ ଜଣେ ଖ୍ରୀଷ୍ଟିଆନକୁ ହତ୍ୟା କରାଯାଉଛି ମାତ୍ର ସେ ସେହି ହତ୍ୟାକାରୀ ଠାରୁ ଛଡ଼ାଇବା ଉଦ୍ଦେଶ୍ୟ ନେଇ କୌଣସି ସାହାଯ୍ୟ ପାଇଁ ଆଗେଇ ଆସୁନାହିଁ, ତେବେ ଏହା ନିରାଟ ସତ୍ୟ ଯେ ସେହି ବ୍ୟକ୍ତି ଆମ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ । ହଜରତ ମିର୍ଜା ଗୁଲାମ ଅହମଦଙ୍କ ରଚିତ ପୁସ୍ତକ''ମୈତ୍ରୀ ସଂଦେଶ''କୁ ତାହାଙ୍କ ମହାପ୍ରୟାଣର ମାତ୍ର ଦୁଇ ତିନି ଦିନ ପୂର୍ବରୁ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ ରକ୍ଷା କରିବା ଉଦ୍ଦେଶ୍ୟରେ ଲିପିବଦ୍ଧ କରା ଯାଇଥିଲା । ସେ ୨୬ ମଇ ୧୯୦୮ ମସିହାରେ ଦେହ ତ୍ୟାଗ କଲେ ଏବଂ ସେହି ପ୍ରସିଦ୍ଧ ବ୍ୟାଖ୍ୟାନକୁ ଜୁନ ୨୧ ତାରିଖ ଦିନ ରାୟ ବାହାଦୂର ପ୍ରତ୍ୟୋଲ ଚନ୍ଦ୍ର ଚାଟାର୍ଜୀଙ୍କ ସଭାପତିତ୍ୱରେ ପଢି ଶୁଣାଇ ଦିଆ ଯାଇଥିଲା । ଭାରତ ବର୍ଷର ଦୁଇ ମୁଖ୍ୟ ଜାତିଙ୍କ ଉଦ୍ଦେଶ୍ୟରେ ଏହି ମୈତ୍ରୀ ପୂର୍ଣ୍ଣ ସଂଦେଶ ଅଭିପ୍ରେତ ଥିଲେ ମଧ୍ୟ ଦେଶର ସବୁ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ପ୍ରତିଷ୍ଠା କରିବା ଏବଂ ଦେଶରେ ଏକତା ଓ ଅଖଣ୍ଡତା ରକ୍ଷା କରିବା ଥିଲା ଏହି ବାର୍ତାର ମୁଖ୍ୟ ଉଦ୍ଦେଶ୍ୟ । ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭେଦଭାବ ଦୂର କରାଇବାକୁ ଯାଇ ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ଯେତେବେଳେ ଆପଣ ମାନେ ବେଦ ଓ ବେଦର ଋଷି ମୁନି ମାନଙ୍କୁ ଈଶ୍ୱର ପ୍ରେରିତ ବୋଲି ଗ୍ରହଣ କରିନେବେ ଏବଂ ଠିକ ସେହିପରି ହିନ୍ଦୁମାନେ ଆମ୍ଭର ପବିତ୍ର ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କ ଅବତାରତ୍ୱକୁ ଗ୍ରହଣ କରିନେବେ, ସେତେବେଳେ ମନେ ରଖନ୍ତୁ; ଏହା ହିଁ ହେବ ପ୍ରକୃତ ମୈତ୍ରୀ ସ୍ଥାପନର ଏକ ମାତ୍ର ପନ୍ଥା । ଏବଂ ଏହା ହିଁ ଏପରି ଜଳ, ଯାହା ହୃଦୟର ଆବିଳତାକୁ ଦୂର କରି ଦେବ । ଏ ଦୁଇ ଜାତିର ମିଳନର ଦିନ ଯଦିଆସିଥାଏ, ତେବେ ଈଶ୍ୱର ସେମାନଙ୍କ ହୃଦୟକୁ ଉନ୍ମୁକ୍ତ କରିଦେବେ,ଯାହା ପାଇଁ ମୋର ହୃଦୟକୁ ଉନ୍ମୁକ୍ତକରି ଦେଇଛନ୍ତି ।ନିଜ ଦେଶବାସୀଙ୍କୁ ସମ୍ବୋଧନ କରି ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ପ୍ରିୟ ବନ୍ଧୁଗଣ ! ଚିର କାଳର ଅନୁଭବ ଏବଂ ପରୀକ୍ଷାରୁ ଏହା ସିଦ୍ଧ ହୋଇଛି ଯେ, ମହାପୁରୁଷ ମାନଙ୍କୁ ନିନ୍ଦା କରିବା, ସେମାନଙ୍କ ପ୍ରତି ଅନୁଚିତ ଓ ଅପମାନଜନକ କଟୁବାକ୍ୟ କହିବା କିମ୍ବା ଅନ୍ୟ କୌଣସି ପ୍ରକାର ଅସମ୍ମାନ ଓ ଅନାଦାର ପ୍ରଦର୍ଶନ କରିବା ଏପରି ଏକ ବିଷୟ , ଯାହା ଶରୀର, ଆତ୍ମା ଓ ମନକୁ ପ୍ରଦୁଷିତ କରିଦିଏ ଏବଂ ସେମାନଙ୍କ ସାଂସାରିକ ଓ ଧାର୍ମିକ ଜୀବନକୁ ନଷ୍ଟ କରିଦିଏ । ସେହି ଦେଶ କଦାପି ଶାନ୍ତିରେ ରହି ପାରିବ ନାହିଁ, ଯାହାର ଅଧିବାସୀମାନେ ଜଣେ ଅନ୍ୟର ଧାର୍ମିକ ନେତା,ମହାପୁରୁଷ ମାନଙ୍କ ପ୍ରତି କଟାକ୍ଷ ଓ ଆକ୍ଷେପମୂଳକ ମନ୍ତବ୍ୟ ଦେବାରେ ମଗ୍ନ ରହନ୍ତି । ସେହି ଦୁଇ ସମ୍ପ୍ରଦାୟ ମଧ୍ୟରେ କଦାପି ସଦ୍‌ଭାବ ରହିପାରିବ ନାହିଁ । ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି, ମୈତ୍ରୀ, ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ସର୍ବେଭବନ୍ତୁ ସୁଖିନଃ । ଏହା ହିଁ ଆମର କାମନା । ଆସ ଆସ ଭାଇ ବଡ଼ ହେବା ପାଇଁ, ଲାଗିଯିବା ଲୋକ ଆତ୍ମା ଉପକାରେ, ଏହି ପଥେ ସତ୍ୟ ଏହି ପଥେ ଧର୍ମ,ଏହି ପଥେ ପ୍ରଭୁ ବିଷ୍ଣୁ ମିଳିପାରେ ।

ଭୁବନେଶ୍ୱର,
୯୬୯୨୨୨୫୦୫୭

# ଆଗୁଆ ଗ୍ରୀଷ୍ମପ୍ରବାହର ବିପଦ

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)



କଥାରେ ଅଛି 'ଫାଲଗୁନ-ଚୈତ୍ର ବସନ୍ତରେ' ମୃଦୁ ମଳୟ ବହେ ଧୀରେ' । ଋତୁ ଚକ୍ରରେ ବସନ୍ତ ଋତୁକୁ ଋତୁରାଜ କୁହାଯାଇଥାଏ । ଏଇଥିପାଇଁ ଯେ, ହାଡ ଭଙ୍ଗା ଶୀତ ପରେ ଏବଂ ଦାରୁଣ ଗ୍ରୀଷ୍ମ ପୂର୍ବରୁ ବସନ୍ତ ଋତୁ ଆସିଥାଏ । ଏହି ଋତୁରେ ବୃକ୍ଷରାଜିର କଅଁଳ ପତ୍ର ସାଙ୍ଗକୁ ପରିବେଶ ଜୀବଜଗତକୁ ଅପାର ଆଶ୍ୱସ୍ତି ଦେଇଥାଏ । ଏବେ କିନ୍ତୁ ଫାଲଗୁନ(ମାର୍ଚ୍ଚ) ମାସରେ ଓଡିଶା ସମେତ ସମଗ୍ର ଦେଶରେ ଆଗୁଆ ଗ୍ରୀଷ୍ମ ପ୍ରବାହ କେବଳ ଋତୁଚକ୍ରରେ ବ୍ୟତିକ୍ରମ ଓ ପରିବର୍ତନର ସଂକେତ ନୁହେଁ, ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରଭାବ ବୋଲି ନିସନ୍ଦେହରେ କୁହାଯାଇପାରିବ । ଯାହାକି ଅତ୍ୟନ୍ତ ଗମ୍ଭୀର । ଋତୁଚକ୍ରରେ ବ୍ୟତିକ୍ରମ ପ୍ରାକୃତିକ ବ୍ୟବସ୍ଥାର ବିଭ୍ରାଟର ସଂକେତ ଦିଏ । କହିବା ବାହୁଲ୍ୟ ଯେ, ଆମଦେଶରେ ଋତୁଚକ୍ର ପ୍ରତ୍ୟକ୍ଷ୍ୟ ଭାବେ ଜୀବନ ଜୀବିକା, ଅର୍ଥନୈତିକ ସ୍ଥିରତା ଏବଂ ଭାରତର କୃଷି ସମାଜର ମୂଳଦୁଆ ଜଡିତ ଏବଂ ଯାହାକି ଏବେ ସିଧାସଳଖ ଭାବେ ଗୁରୁ ଧମକ ସୃଷ୍ଟି କରିଛି । ଉଲ୍ଲେଖଯୋଗ୍ୟ ଯେ, ଋତୁ ଚକ୍ରରେ ପରବିର୍ତନ ଦ୍ୱାରା ଦେଶର ଅର୍ଥନୀତିର ମେରୁଦଣ୍ଡ ଭାବେ ପରିଚିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ କ୍ଷତିଗ୍ରସ୍ତ କରିଛି । ଚଳିତ ବର୍ଷ ଜାନୁୟାରୀ ମାସରେ ଉଷ୍ମତା ବୃଦ୍ଧି ଏବଂ ଶୀତର ପ୍ରକୋପ ହ୍ରାସ ଯୋଗୁଁ ଶୀତ ବସ୍ତ୍ରର କିଣାବିକା ଗୁରୁତ୍ୱର ଭାବେ ପ୍ରଭାବିତ ହୋଇଥିବା କୁହାଯାଏ । ଯାହାର ପ୍ରଭାବରେ ଶୀତ ବସ୍ତ୍ର ଉତ୍ପାଦନ ହ୍ରାସ ପାଇବା ସହ ଚାହିଦା ମଧ୍ୟ କମିଛି । ଏପରିକି ଶୀତବସ୍ତ୍ର ଉତ୍ପାଦନକାରୀ ଶିଳ୍ପ ବନ୍ଦ ହେବା ସହ ବହୁ ହୋଲସେଲର ଗୋଦାମ ମଧ୍ୟ ମନ୍ଦ ହୋଇଯାଇଥିବା କୁହାଯାଏ । ସେହିପରି ଅଦିନରେ ତଥା ଆଗୁଆ ଗ୍ରୀଷ୍ମ ପ୍ରବାହ ଦ୍ୱାରା ଗହମ, ବୁଟ ଚଣା, ଡେିଳ ବୀଜ ଏବଂ ଆମ୍ବ ପରି ବହୁ ଅର୍ଥକାରୀ ଉଦ୍ୟାନ ଭିତିକ ଫଳ ପରି ବହୁ ମୁଖ୍ୟ ଶସ୍ୟର ଅମଳ ଗୁରୁତର ଭାବେ ହ୍ରାସ ପାଇଛି । କୃଷି କ୍ଷେତ୍ରରେ ଶ୍ରମ ଶକ୍ତି କ୍ଷତିଗ୍ରସ୍ତ ହୋଇଛି । କୃଷି ଶ୍ରମିକଙ୍କୁ କାମ ମିଳୁନାହିଁ । କହିବା ବାହୁଲ୍ୟ ଯେ, ଗ୍ରାମାଚଂଳରେ ଅସଂଗଠିତ ଶ୍ରମିକଙ୍କୁ କର୍ମନିଯୁକ୍ତି କ୍ଷେତ୍ରରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । କୃଷି କ୍ଷେତ୍ରରେ କାମ ଅଭାବରୁ ଶ୍ରମିକ ହାତବାନ୍ଧି ବେକାର ହୋଇବସିଥିବା ଏବେ ବୃଦ୍ଧି ପାଇବାରେ ଲାଗିଛି । କେବଳ ଏତିକି ନୁହେଁ ସ୍ୱଳ୍ପ ଅମଳ ଖାଦ୍ୟ ଶସ୍ୟର ଦରଦାମ ବୃଦ୍ଧି କରିବା ସହ ଦେଶରେ ଖାଦ୍ୟ ସଂକଟ ଭଳି ପରିସ୍ଥିତିକୁ ଆମନ୍ତ୍ରଣ କରିଥାଏ । ସେହିପରି ମୁଦ୍ରାସ୍ପିତୀକୁ ଆହୁରି ଖରାପ ମୁହାଁ କରିଥିବାବେଳେ ରପ୍ତାନୀକୁ ମଧ୍ୟ ପ୍ରଭାବିତ କରିଥାଏ । ଆମ ଦେଶରେ ଦୁର୍ଦ୍ଦଶା କିଛି କମ୍ ନୁହେଁ, ଯେଉଁଥିପାଇଁ କି ଦେଶରେ ଚାଷୀ ଆତ୍ମହତ୍ୟା ଘଟଣାମାନ ବଢିବାରେ ଲାଗିଛି । ଆହୁରି ମଧ୍ୟ ଅସହ୍ୟ ଗ୍ରୀଷ୍ମ ବା ଖରା ଜଳ ସଂକଟକୁ ଉତ୍କଟ କରେ । ଆମ ଦେଶରେ ଖରାଦିନେ ଜଳସଂକଟ ଏକ ସାଧାରଣ ଘଟଣା । କୂଅ, ପୋଖରୀ, ଗାଡିଆ, ଜଳାଶୟ, ନଦୀ, ନାଳ ଏବଂ ଏପରିକି ଜଳଭଣ୍ଡାର ଗୁଡିକ ଶୁଖିଯାଏ । ଉତର ଭାରତରେ ଜଳଭଣ୍ଡାରଗୁଡିକର ଜଳସ୍ତର ଏବେ ଉଦ୍‌ବେଗଜନକ ସ୍ଥିତିରେ । ଆଗାମୀ ଚାଷ ପାଇଁ ଜଳସେଚନ ପ୍ରତି ଗୁରୁ ଧମକ ସୃଷ୍ଟି କରିଛି । କେବଳ କୃଷି କ୍ଷେତ୍ର ନୁହେଁ ଜଳ ବିଦ୍ୟୁତ ଉତ୍ପାଦନ, ଦୁଗ୍ଧ ଉତ୍ପାଦକ ସେକ୍ଟର ମଧ୍ୟ ପ୍ରଭାବିତ ହୋଇଛି । ଏହା ନିସନ୍ଦେହ ଯେ, ଖରାଦିନେ ଗ୍ରାମାଚଂଳ ତୁଳନାରେ ସହରାଚଂଳରେ ବିଦ୍ୟୁତ ଚାହିଦା ଆଶାତୀତ ଭାବେ ବୃଦ୍ଧି ପାଇଥାଏ । ବିଦ୍ୟୁତ ସଂକଟ ଜଳଜଳ ହୋଇଦେଖାଗଲାଣି । ଯାହାକି କେବଳ ଜନଜୀବନ କୁ ନୁହେଁ, କୃଷି ଓ ଶିଳ୍ପ କ୍ଷେତ୍ରକୁ ପ୍ରଭାବିତ କରିବାର ଆଶଙ୍କାକୁ ଏଡାଇ ଦେଇହେଉନାହିଁ । ଦେଶରେ କୃଷି ଉତ୍ପାଦନ, ଆୟ କମିଲେ ଖାଦ୍ୟ ଶସ୍ୟର ମୂଲ୍ୟ ବୃଦ୍ଧି ଘଟିବ । ଯାହାକି କେବଳ ଅର୍ଥନୀତିକୁ ପ୍ରଭାବିତ କରିବନାହିଁ, ଅଭିବୃଦ୍ଧିକୁ ମଧ୍ୟ ସଂକୁଚିତ କରିପାରିବ । ଆମ ରାଜ୍ୟରେ ମଧ୍ୟ ଆଗୁଆ ଗ୍ରୀଷ୍ମ ପ୍ରଭାବର ପ୍ରକୋପ ମଧ୍ୟ କିଛି କମ୍ । ପଶ୍ଚିମ ଓଡିଶାର ତାପମାତ୍ରା ୪୧ଡିଗ୍ରୀ ସେଲସିୟସ୍ ପାର କରିଥିବାବେଳେ ଲୋକେ ଏବେଠୁ ତ୍ରାହିତ୍ରାହି ଡାକିଲେଣି । ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ହିଟ୍‌ୱେଭ୍ ସ୍ଥିତି ଜାରି ରହିବା ନେଇ ପାଣିପାଗ ଚେତାବନୀ ଦେଇ ସାରିଲାଣି । ଏବେ ବସନ୍ତ ଋତୁରେ ଏଭଳି ସ୍ଥିତି, ଗ୍ରୀଷ୍ମକାଳରେ ସ୍ଥିତି ଯେ ଅସମ୍ଭାଳ ହେବ, ଏହା ନିସନ୍ଦେହ । ଏହା ନିଶ୍ଚିତ ମଣିଷ ପ୍ରକୃତି ଉପରେ ଯେତିକି ଯେତିକି ଅତ୍ୟାଚାର କରୁଛି, ପ୍ରକୃତି ତା'ର ତାଣ୍ଡବ ସେତିକି ସେତିକି ରଚିବାରେ ରଚିଛି । ପ୍ରକୃତିର ସୁରକ୍ଷା ପାଇଁ ମାନବ ସମାଜ, ରାଷ୍ଟ୍ରଗୁଡିକ ଏବେଠୁ ସତର୍କ ନହେଲେ, ଆଗକୁ ଆହୁରି ଅଧିକ ପ୍ରାକୃତିକ ବ୍ୟତିକ୍ରମ ଦେଖିବାକୁ ହେବ, ଯାହାକି ସୃଷ୍ଟି ପାଇଁ କେବଳ ଧ୍ୱଂସର କାରଣ ହେବ ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋ-୭୯୭୮୬୬୬୪୦୩

# ଜଳର ଉପଯୋଗିତା

♦ ଡ଼ଃ.ଅରୁନ୍ଧତୀ ଦେବୀ

ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ । ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି । ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୧୬ରେ ଏହି ତଥ୍ୟ ସାମ୍ନାକୁ ଆସିଛି । ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି । କିନ୍ତୁ ଜଳ ବ୍ୟବହାରରେ ପରିବର୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି । ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବ ନାହିଁ । ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି । ବିଶ୍ୱଜନସଂଖ୍ୟା ବର୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି । ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି । ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଂଚିତ । ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଂଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ । ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି । ଜଳବାୟୁ ପରିବର୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ । ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ । ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତବ୍ୟ । ଜଳ ସଂରକ୍ଷଣ ପାଇଁ ଆବାଳ ବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ । ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ୍ୟ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ । ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିଲେ ବିଶ୍ୱ ଜଳ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ଯଥାର୍ଥ ପ୍ରତିପାଦିତ ହୁଅନ୍ତା । ଆସନ୍ତୁ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦ□ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା । ବର୍ତମାନର ଭୟାବହ କରୋନା ଖବର ଭିତରେ ଆଗକୁ ଆସୁଛି ପ୍ରଚଣ୍ଡ ଖରାର ସମୟ । ଉପକୂଳ ଓଡ଼ିଶା ଠାରୁ ଆରମ୍ଭ କରି ରାଜ୍ୟର ପଶ୍ଚିମାଂଚଳ, ଦକ୍ଷିଣର ପାହାଡ଼ିଆ ଇଲାକା ପର୍ଯ୍ୟନ୍ତ ସବୁଠି ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହୋଇଥାନ୍ତି । ଖରାର ତାତି ଯେତିକି ବଢୁଛି, ଜଳକ୍ଲିଷ୍ଟ ଅଂଚଳରେ ପାନୀୟ ଜଳ କଷ୍ଟ ସେତିକି ଉତ୍କଟ ହେବାରେ ଲାଗିଥାଏ । ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଂଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ । କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ସରକାରୀ ରେକର୍ଡ଼ ଅନୁଯାୟୀ ଗ୍ରାମାଂଚଳର ନଳକୂପ, ଷ୍ଟାଣ୍ଡପୋଷ୍ଟ ସମେତ ପ୍ରାୟ ୩ଲକ୍ଷ ୧୨ ହଜାର ୨୮୧ଟି ୱାଟର ସ୍ପଟ ରହିଛି । ସେଥିରୁ ଏବେ ବହୁ ସଂଖ୍ୟକ ଅଚଳ, ବ୍ୟବହାର ଅନୁପଯୋଗୀ । କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ । ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ପାଇପ୍ ଖୋଲିଲେ ପାଣି ବଦଳରେ ସୈଁ ସୈଁ ହୋଇ ପବନ ବାହାରୁଛି । ବହୁ ସଂଖ୍ୟକ ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ କୂଅ ଗୁଡ଼ିକ ଶୁଖିଯିବା ଫଳରେ ସମସ୍ୟା ଦେଖାଦେଉଛି । ପାନୀୟ ଜଳର ଏ ଉତ୍କଟ ସମସ୍ୟା ଭିତରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଲୁଚି ଯାଉଛି । କିନ୍ତୁ ପାନୀୟ ଜଳ ସମସ୍ୟା ଠାରୁ ବିଶୁଦ୍ଧ ଜଳ ପାନୀୟ ଜଳ ସମସ୍ୟା ଅଧିକ ଗୁରୁତର, ଯାହାଫଳରେ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି । ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି । ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ । ପାନୀୟ ଜଳ ସ୍ଥିତି ନେଇ ୨୦୦୧ ଏବଂ ୨୦୧୧ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନିତି ସ୍ପଷ୍ଟ ଜଣାପଡ଼େ । ଦଶବର୍ଷ ତଳେ ରାଜ୍ୟର ୩୦.୮ ପ୍ରତିଶତ ପରିବାରଙ୍କୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା । ୨୦୧୧ ବେଳକୁ ନିଜ ଘରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ ୩୫.୪ ପ୍ରତିଶତକୁ ବୃଦ୍ଧି ପାଇଛି । ସଂଖ୍ୟା ଦୃଷ୍ଟିରୁ ଦେଖିଲେ ୨୦୦୧ରେ ରାଜ୍ୟର ୩୦ ଲକ୍ଷ ୪୪ ହଜାର ୮୮୪ ପରିବାର ୫୦୦ ମିଟର କିମ୍ବା ତା ଠାରୁ ଅଧିକ ଦୂରରୁ ପାନୀୟ ଜଳ ସଂଗ୍ରହ କରୁଥିବା ପରିବାରଙ୍କ ସଂଖ୍ୟା ୪୪ ଲକ୍ଷ ୧୬ ହଜାର ୬୮୬କୁ ବୃଦ୍ଧି ପାଇଛି । ଜନଗଣନା ରିପୋର୍ଟର ଏହି ତଥ୍ୟ ସ୍ୱତଃ ପାନୀୟ ଜଳ ସମସ୍ୟା ସୁଧୁରିବା ପରିବର୍ତେ ଅଧିକ ଗୁରୁତର ହୋଇଥିବାର ଦୁଃଖଦ ସୂଚନା ଦେଉଛି । ବର୍ତମାନ ବି ରାଜ୍ୟର ମାତ୍ର ୨୨.୪ ପ୍ରତିଶତ ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭ ପ୍ରତିଶତ ପରିବାରଙ୍କୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ । ଖୋଦ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬ ହଜାର ୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏହାର ଅର୍ଥ ହେଲା ବର୍ତମାନ ବି ପ୍ରାୟ ୪୦ ପ୍ରତିଶତ ଜନବସତି ଜଳ କ୍ଲିଷ୍ଟ । ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଦୁଃଖଦ ଚିତ୍ର ପ୍ରଦାନ କରୁଛି । ଯଦି ସାଧାରଣ ଭାବେ ପାନୀୟ ଜଳ ଯୋଗାଣର ସ୍ଥିତି ଏହା, ଗ୍ରୀଷ୍ମରେ ସମସ୍ୟା ଅଧିକ ଗୁରୁତର ହେବା ସ୍ୱାଭାବିକ । ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରୀକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ୍ୟ ଦୁର୍ଭାଗ୍ୟଜନକ ଇଙ୍ଗିତ । ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ତ୍ୱରାନ୍ୱିତ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରୀ । ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୧୭ ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅ□ଳକୁ ଫ୍ଲୋରୋସିସ୍ ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖା ଯାଇଛି । ପ୍ରତି ବ୍ଲକର ୧୬ଶହଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଫଳରେ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖା ଦେଇଛି । ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ । ସାଂପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ । ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ପ୍ରଥମ, ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇ ଯାଇଥିବା ଜଳ ଉତ୍ସ ଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଲିଷ୍ଟ ଅଂଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ । ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୧୭ ଏବଂ ଅନ୍ୟ ଯୋଜନା ଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ । ଅନ୍ୟଥା ଆସନ୍ତା ବର୍ଷ ପୁଣି ଗ୍ରୀଷ୍ମ ଆସିବ ଓ ତାହା ସହ ନେଇ ଆସିବ ଉତ୍କଟ ପାନୀୟ ଜଳ କଷ୍ଟ ।

ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର

# ବିଶ୍ୱ ଜଳଦିବସ ପାଳିତ

ସୋର(ନିପ୍ର): ସୋର ବ୍ଲକ ଦହିସଡା ଠାରେ ବିଶ୍ୱ ଜଳଦିବସ ଉପଲକ୍ଷେ ସୋର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ ଜଳ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଜଳଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ରେବତୀ କଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡା ଯୋଗଦେଇ ମଣିଷର ଜୀବନ ଜଳର ଉଚିତ୍ ଉପଯୋଗ କରିବାକୁ କହିଥିଲେ । ସମ୍ମାନିତ ଅତିଥିଭାବେ ଜିଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ଅନ୍ୟତମ ଅତିଥି ଭାବେ ସୋର ବିଡିଓ ସତ୍ୟନାଥ ନାଏକ, ସୋର ବ୍ଲକ ଅଧକ୍ଷା ଅନୁସୟା ମଲିକ, ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସ, ସୋର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଉପଖଣ୍ଡ ଅଧିକାରୀ ଭାଗୀରଥି ଦାସ ପ୍ରମୁଖ ଯୋଗଦେଇ ନିଜନିଜର ବକ୍ତବ୍ୟ ମାଧମରେ ଜଳର ସଦୋପଯୋଗ କରିବା ସଚେତନ କରିଥିଲେ । କାର୍ଯ୍ୟକ୍ରମକୁ ସହାୟକ ଯନ୍ତ୍ରୀ ସଂଯୁକ୍ତା ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ ।

# କନ୍ୟା ଶିଶୁଙ୍କ ସୁରକ୍ଷା, ନିରାପତା, ଜୀବନ କୌଶଳ ବିକାଶ ଓ ଆତ୍ମରକ୍ଷା ସମ୍ବନ୍ଧୀୟ ଆଲୋଚନା



ବ୍ରହ୍ମପୁର/ଛତ୍ରପୁର(ନିପ୍ର): ଗଞ୍ଜାମ ଜିଲ୍ଲାର ଛତ୍ରପୁରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ରିକାପାଲି ଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଗଞ୍ଜାମ ବିଜୟଲକ୍ଷ୍ମୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କନ୍ୟା ଶିଶୁଙ୍କ ସୁରକ୍ଷା, ନିରାପତା, ଜୀବନ କୌଶଳ ବିକାଶ ଓ ଆତ୍ମରକ୍ଷା ସମ୍ବନ୍ଧୀୟ ବିଷୟରେ ଆଲୋଚନା କରାଯାଇଥିଲା । ଅତିଥିମାନେ କନ୍ୟା ଶିଶୁଙ୍କ ଯତ୍ନ ଓ ସୁରକ୍ଷା, ଶିଶୁଙ୍କ ଅଧିକାର ଓ ସମ୍ପର୍କିତ ଆଇନ, ଶିଶୁ ସହାୟତା ନମ୍ବର ୧୦୯୮ର ବ୍ୟବହାର, ବାଲ୍ୟ ବିବାହ ପ୍ରତିରୋଧ, ଋତୁସ୍ରାବ ସମୟର ସ୍ୱଚ୍ଛତା, କନ୍ୟାମାନଙ୍କ ପାଇଁ ସାଇବର ସୁରକ୍ଷା, ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଟୀକାକରଣ, ଉପଯୁକ୍ତ ପୋଷଣ, ଶିକ୍ଷାରେ ଉନ୍ନତି, ବୈଷୟିକ ଜ୍ଞାନ ଓ ବୃତିମୂଳକ ପ୍ରଶିକ୍ଷଣ, ପାଠପଢା ଛାଡ଼ିବାକୁ ରୋକିବା, ସ୍କୁଲ୍ ?ଗୁଡ଼ିକରେ ମାସିକ ସ୍ୱାସ୍ଥ୍ୟ ପରୀକ୍ଷା ଓ ଲୌହ ଟାବଲେଟ୍ ବ୍ୟବହାର, ସଫା-ସୁଥା ଓ ହାତ ଧୋଇବାର ଅଭ୍ୟାସ, ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ସୁବିଧା ଓ ସୁଯୋଗ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ । ଏହା ସହିତ ବାଲ୍ୟ ବିବାହ ବିରୋଧରେ ଦସ୍ତଖତ ମାଧମରେ ସଂକଳ୍ପ ଅଭିଯାନ ମଧ କରାଯାଇଥିଲା ।ଏହି ଅବସରରେ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଅଧୀନରେ ଜିଲ୍ଲାର ଚାରିଜଣ ଚ୍ୟାମ୍ପିଅନ ଯଥା ରୁକୁନି ବିଶୋୟୀ ଆଥଲେଟିକ୍ସ (ଲମ୍ବ ଜମ୍ପ)ରେ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର, ସ୍ନେହାରାଣୀ ଗୌଡ଼ ସୁରଭି କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର, ବୃନ୍ଦାରାଣୀ ପଣ୍ଡା ବୀର ଗାଥା ଚିତ୍ରକଳା ପ୍ରତିଯୋଗିତାରେ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସମଗ୍ର ଭାରତରୁ ଶ୍ରେଷ୍ଠ ୧୪ ଜଣ ମଧ୍ୟରେ ଚୟନିତ ଓ କନ୍ଦିଗାଁ ଅଙ୍ଗନ୍ୱାଡ଼ି କେନ୍ଦ୍ର ୨, ଖଲ୍ଲିକୋଟ ଆଇସିଡିଏସ ପ୍ରୋଜେକ୍ଟର ଅଲିଶା ପାଲଙ୍କୁ ପ୍ରାକ୍-ପ୍ରାଥମିକ ଶିକ୍ଷା, ଆଦ୍ୟ ଶୈଶବର ଯତ୍ନ, ଅନ୍ୟାନ୍ୟ କାର୍ଯ୍ୟକଳାପ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ସମ୍ମାନିତ କରାଯାଇଥିଲା । ଏହା ବ୍ୟତୀତ, ବାଲ ବିବାହ ମୁକ୍ତ ଭାରତ–ବାଲ୍ୟ ବିବାହ ନିବାରଣ ୧୦୦ ଦିନିଆ ଅଭିଯାନ ଅଧୀନରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ହେତୁ ୭ ଜଣ ଚ୍ୟାମ୍ପିଅନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଏକାଙ୍କିକା, ଗୀତ ଓ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ 'ନିର୍ଭୟା କଢ଼ି' ଉପରେ ପର୍ଯ୍ୟବେକ୍ଷିତ ନୃତ୍ୟ ପ୍ରଦର୍ଶନ ସହିତ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଛତ୍ରପୁର ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସୋରେନ, ମୁନିଶିପେଣ୍ଟ ସିଏସିର ସୁପରିଂଟେଣ୍ଡେଂଟ ଡା ସ୍ୱାଧୀନ ରଥ; ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଭାତୀ ମହାପାତ୍ର, ଉପ-ନିରୀକ୍ଷକ ସାଇବର ସେଲ କିରଣ ଚନ୍ଦ୍ର ପାତ୍ର, ପିଓଆଇସି ଶରତ ମହାରଣା, ଏସଡିପିଓ ପଦ୍ମା ମୁର୍ମୁ, ସିଡିପିଓ ପ୍ରଣମିତା ପଣ୍ଡା, ୟୁନିସେଫ୍ ଜିଲ୍ଲା ସଂଯୋଜକ ଦେବବ୍ରତ ମହନ୍ତ, ସେବା ଏନଜିଓର ସମ୍ପାଦିକା ଅଳକା ସାହୁ, କେଜିବିଭି ରିକାପାଲିର ପ୍ରଧାନ ଶିକ୍ଷୟିତ୍ରୀ ରିତା ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜିକା ଗୀତାଞ୍ଜଳୀ ମହାରଣା ପରିଚାଳନା ଏବଂ ଜିଲ୍ଲା ମହିଳା ସଶକ୍ତିକରଣ ହବ, ଗଞ୍ଜାମର କର୍ମଚାରୀମାନେ ଆବଶ୍ୟକୀୟ ସହଯୋଗ ଯୋଗାଇଦେଇଥିଲେ । ବିଭିନ୍ନ ବ୍ଲକ୍‌ର ପ୍ରାୟ ୧୫୦ ଜଣ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ପାରାଦ୍ୱୀପ ପୋର୍ଟ ଅଥରିଟି ଅଧିକାରିଙ୍କ ଦୁର୍ନୀତିର ଇଡି ତଦନ୍ତ

ଜଗତସିଂହପୁର(ନିପ୍ର): ପାରାଦ୍ୱୀପ ବନ୍ଦରରେ ଚାକିରୀ କରି ଥିବା ଜଣେ ବରିଷ୍ଠ ଅଧିକାରୀ ନିଜର ପଦ ମର୍ଯ୍ୟାଦାର ଅପବ୍ୟବହାର କରି ବିଭିନ୍ନ ସଂସ୍ଥାମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ୧୦ କୋଟିର ଅର୍ଥ ହରିଲୁଟ କରିଥିବା ଲୋକପାଳଙ୍କ ନିକଟରେ ଏକ ବ୍ୟକ୍ତି ଅଭିନାଶ ଗୁରୁ ଏକ ଅଭିଯୋଗ କରିଥିଲେ । ଉକ୍ତ ଘଟଣାର ସତ ସତ୍ୟାକୁ ଅନୁସଂଧାନ ପାଇଁ ଲୋକ ପାଳ. ପବର୍ତନ ନିର୍ଦ୍ଦେଶାଳୟ କୁ ନିର୍ଦ୍ଦେଶ ଦେଇଛନ୍ତି ଓପବର୍ତନ ନିର୍ଦ୍ଦେଶାଳୟ, ପାରାଦୀପ ବନ୍ଦର ଟ୍ରାଫିକ ମ୍ୟାନ ଜରଙ୍କୁ ଉକ୍ତ ବରିଷ୍ଠ ଅଧିକାରୀଙ୍କ ଚାକିରିର ସମୟ ସୀମା ର ସବି ଶେଷ ତଥ୍ୟ ତଥା ତାଙ୍କର ପ୍ରତି ବର୍ଷ ଇନ୍ କମ ଟ୍ୟାକସ୍‌ର ସବିଶେଷ ତଥ୍ୟ ମାଗିଛନ୍ତି ।

# ପାଣି ସଙ୍କଟକୁ ନେଇ ରାସ୍ତା ରୋକ



ନୀଳଗିରି(ନିପ୍ର): ନୀଳଗିରି ବ୍ଲକ୍ ନରସିଂହପୁର ପଂଚାୟତ ଆଡିଆଖୁଂଟା ଗ୍ରାମରେ ମେଗା ଯୋଜନାରେ ପାନୀୟଜଳ ଯୋଗାଇ ଦିଆଯାଇନାହିଁ, ଫଳରେ ଲୋକେ ପିଇବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟବାସିନ୍ଦା । ଏଥିପାଇଁ ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନଥିବାରୁ ବାଇଁଚାରୁ ମାଟିଆଳି, ନରଣପୁରକୁ ସଂଯୋଗ କରୁଥିବା ରାସ୍ତାର ଆଡିଆଖୁଂଟା ଛକ ନିକଟରେ ରବିବାର ସକାଳେ ଶହଶହ ମହିଳା ଗରା, ବାଲତି, ହାଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ୪ଘଂଟା ଧରି ରାସ୍ତା ଅବରୋଧ ଜାରି ରହିଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା । ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣର ଠିକା ସଂସ୍ଥା କର୍ମଚାରୀ ଘଟଣା ସ୍ଥଳରେ ପହଂଚି ଲୋକ ଙ୍କୁ ବୁଝାସୁଝା କରିବା ସହିତ ଖୁବଶୀଘ୍ର ସ୍ଥାୟୀ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି ।

# ଉତ୍କଳଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବୈଶିଙ୍ଗା(ନିପ୍ର): ଆଗାମୀ ଅପ୍ରେଲ ୧ ତାରିଖ ସ୍ୱତନ୍ତ୍ର ଉତ୍କଳ ଦିବସ ଘୋଷଣା ଦିବସ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ୱପ୍ନର ଅଖଣ୍ଡ ଓଡ଼ିଶା ଗଠନ ଓ ପାରଳା ମହାରାଜା କୃଷ୍ଣଚନ୍ଦ୍ରଙ୍କ ସହ ମୟୂରଭଂଜର ପ୍ରାତଃ ସ୍ମରଣୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନକୁ ସ୍ମରଣ କରିବାର ଦିବସ । ଏତଦବ୍ୟତୀତ ବିଛିନ୍ନ ଓଡ଼ିଆଙ୍କୁ ଏକ କରିବା, ଭାଷାର ସୁରକ୍ଷା କରିବାକୁ ଶପଥ ନେବାର ଦ । ଏଥି ନିମନ୍ତେ ସ୍ଥାନୀୟ ବେତନଟୀ, ଧର୍ମଶାଳା ଠାରେ ୧ ତାରିଖ ଅପରାହ୍ଣରେ ଏକ ସମାବେଶ କରି ସ୍ୱତନ୍ତ୍ର ଉତ୍କଳ ଜନନୀର ଗୁଣଗାନ ନିମନ୍ତେ ବ୍ୟବସ୍ଥା କରିଛି, ମୟୂର ସାହିତ୍ୟ ସଂସଦ । ଏଥିରେ ସ୍ଥାନୀୟ ସିଭିଲ ସୋସାଇଟି, କବି ସଙ୍ଗମ, କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଏବଂ କିଛି ବରିଷ୍ଠ ସାମ୍ବାଦିକ, ଶିକ୍ଷାବିତ ଓ ବୁଦ୍ଧିଜୀବୀଗଣ ମଧ ସାମିଲ ହେବାକୁ ସମ୍ମତି ଜଣାଇଛନ୍ତି ବୋଲି ସଂସଦର କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତି ଓ ସଂପାଦକ ଯତୀନ୍ଦ୍ରନାଥ ସାହୁ ବହୁସଂଖ୍ୟାରେ ଯୋଗଦାନ କରିବାକୁ ନିବେଦନ କରିଛନ୍ତି ।

# ଦେଢ଼ ବର୍ଷର ଅଭିଯୋଗ, ଦୁଇ ଦିନର ଧାରଣା



ବ୍ରହ୍ମପୁର(ନିପ୍ର): ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ ସି.ଏଚ୍.ସି ଆଶା କର୍ମୀ ଚୟନ ପ୍ରକ୍ରିୟାରେ ଅନିୟମିତତା ଘଟିଥିବା ଅଭିଯୋଗକୁ କେନ୍ଦ୍ର କରି ପବିତ୍ର ଦାସ ନାମକ ଜଣେ ବ୍ୟକ୍ତି ପ୍ରାୟ ଦେଢ଼ ବର୍ଷ ଧରି ବିଭିନ୍ନ ସ୍ତରରେ ନ୍ୟାୟ ପାଇଁ ଅନୁରୋଧ କରୁଥିଲେ । ଯଥାଚିତ ପଦକ୍ଷେପ ନ ହେବାରୁ ସେ ଗତ ଦୁଇ ଦିନ ଧରି ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ । ଘଟଣାର ଗୁରୁତ୍ୱକୁ ଅନୁଭବ କରି ଏସ.ବି.ଏଲ୍. ଏନ୍ ?ଜିଓ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ରବୀନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ୫ ଜଣିଆ ଟିମ୍ ଘଟଣାସ୍ଥଳକୁ ପହଂଚି ପବିତ୍ର ଦାସଙ୍କ ଅଭିଯୋଗ, ଦଲିଲପତ୍ର ଓ ସମ୍ପୂର୍ଣ୍ଣ ପରିସ୍ଥିତିର ବିସ୍ତୃତ ଯାଂଚ କରିଥିଲା । ପରେ ଏସ.ବି.ଏଲ୍ ଅନ୍ ଜି ଓ ଗଞ୍ଜାମ ସିଡିଏମଓ ଶ୍ରୀ ମିଶ୍ର, ଏଡିଏମଓ କାମେଶ୍ୱର ରାଓ, ଡିପିଏମ୍ ବୁଲୁନାଥ ସାହୁ, ଆଶା ମ୍ୟାନେଜର ଆଶିଷ କୁମାର ମିଶ୍ର ଏବଂ ସିଡିଏମଓ ଅଫିସ ଷ୍ଟାଫ୍, ଏନ୍.ଏଚ୍.ଏମ୍ ର ଅଧିକାରୀମାନଙ୍କ ସହ ଆଲୋଚନା କରି ବିଷୟଟିର ଶୀଘ୍ର ଓ ବୈଧ ସମାଧାନ ପାଇଁ ପଦକ୍ଷେପ ନେଇଥିଲା । ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭବାନୀ ଶଙ୍କର ମିଶ୍ର ବିଷୟଟିକୁ ଗୁରୁତ୍ୱ ସହକାରେ ଗ୍ରହଣ କରି ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଲିଖିତ ଆଦେଶ ଜାରି କରିଥିଲେ ଏବଂ ନ୍ୟାୟସଂଗତ ତଦନ୍ତ ମାଧ୍ୟମରେ ପବିତ୍ର ଦାସଙ୍କୁ ନ୍ୟାୟ ଦେବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ସନ୍ଧ୍ୟା ପ୍ରାୟ ୫ ଟା ସମୟରେ ରବୀନ୍ଦ୍ର କୁମାର ମିଶ୍ରଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକରେ ସିଡିଏମଓ ଡା.ଭବାନୀ ଶଙ୍କର ମିଶ୍ର ଓ ସଂପୃକ୍ତ ଅଧିକାରୀମାନେ ପବିତ୍ର ଦାସଙ୍କୁ ଧାରଣାରୁ ଓହରିବାକୁ ଅନୁରୋଧ କରିଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱୟଂ ପବିତ୍ର ଦାସଙ୍କୁ ଥଣ୍ଡା ପାନୀୟ ପ୍ରଦାନ କରି ତାଙ୍କ ଅନଶନ ଭଙ୍ଗ କରାଇଥିଲେ ଏବଂ ତଦନ୍ତ ନିଶ୍ଚିତ ଭାବେ କରାଯିବ ବୋଲି ଲିଖିତ ଆଶ୍ୱାସନ ପ୍ରଦାନ କରିଥିଲେ । ପବିତ୍ର ଦାସ ଏହି ମାନବିକ ହସ୍ତକ୍ଷେପ ପାଇଁ ଗଞ୍ଜାମ ସିଡିଏମଓ ଡା. ଭବାନୀ ଶଙ୍କର ମିଶ୍ର ଓ ଏସ.ବି.ଏଲ୍. ଏନ୍ ?ଜିଓ ସଭାପତି ରବୀନ୍ଦ୍ର କୁମାର ମିଶ୍ରଙ୍କୁ କୃତଜ୍ଞତା ଜଣାଇ କହିଥିଲେ :ଏସ.ବି.ଏଲ୍. ଏନ୍‌ଜିଓ ଭଳି ସଚ୍ଚୋଟ ସଂସ୍ଥା ଆମ ଜିଲ୍ଲାରେ ରହିଲେ ମୁଁ ନିଶ୍ଚିତ ନ୍ୟାୟ ପାଇବି ।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ନୀଳଗିରି(ନିପ୍ର): ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡିଆ କାନପୁର ଗ୍ରାମର ତରୁଣ କୁମାର ଦାସ ପରିବାରକୁ ଉକ୍ତ ଗ୍ରାମର ପ୍ରଶାନ୍ତ ଦାସ ହଇରାଣ ହରକତ କରୁଥିବାକୁ ନେଇ ଗତ ୧୮/୦୩ ରେ ଅଭିଯୋଗ ହୋଇଥିଲା ବେଳେ ଅପରପକ୍ଷେ ପ୍ରଶାନ୍ତ ଦାସଙ୍କ ପୁଅକୁ ମାରଣାନ୍ତକ ଆକ୍ରମଣ କରିଥିବାର ତରୁଣ କୁମାର ଦାସଙ୍କ ବିରୁଦ୍ଧରେ ମଧ ନୀଳଗିରି ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା । ଉକ୍ତ ଅଭିଯୋଗକୁ ନେଇ ୨୦/୩ ରିଖରେ ତରୁଣ କୁମାର ଦାସ ଓ ତାଙ୍କ ସ୍ତ୍ରୀ ନୀଳଗିରି ଥାନାକୁ ଆସି ପୂର୍ବରୁ ଦେଇଥିବା ଅଭିଯୋଗ ର ଏତଲା କପି ନେଇ ଏକ ଅଟୋ ରେ ଘରକୁ ଫେରୁଥିବା ସମୟରେ ଗ୍ରାମରେ ଥିବା ଠାକୁରାଣୀ ମନ୍ଦିର ନିକଟରେ ଛକି ରହିଥିବା ପ୍ରଶାନ୍ତ ଦାସ ଓ ତାର କିଛି ସାଙ୍ଗ ମିଶି ଅଟୋକୁ ଅଟକାଇ ତୁ ମୋ ନାମରେ ଥାନାରେ ରେପ୍ କେସ କରିଛୁନା କହି ତରୁଣ ସ୍ତ୍ରୀ କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା, ଟଣା ଘୋଷରା କରିବା ସହ ଏକ ଲୁହା ରଡ଼ ତାଙ୍କ ସ୍ତ୍ରୀ କୁ ଏପରି ବାଡ଼େଇ ଥିଲେ କି ସେଥିରେ ଦୁଇ ଗୋଡ, ଛାତି, ଜଙ୍ଘ, କାନ୍ଧ ଏବଂ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ରେ ଖଣ୍ଡିଆ ଖାବରା ହୋଇ ରକ୍ତ ଜୁଡୁବୁଡୁ ବୁଡୁ ହେବାରୁ ସେ ତଳେ ପଡି ଯାଇଥିବାର ଅଭିଯୋଗ ହୋଇଛି । ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିତ୍କାର କରୁଥିବା ବେଳେ ସାହୁ ସାହି, ସେଠୀ ସାହି ଓ ମାହାଳିକ ସାହିର ଲୋକମାନେ ପହଂଚି ଯିବାରୁ ସେଠାରୁ ସେମାନେ ଫେରାର ହୋଇ ଯାଇଥିଲେ । ଯିବା ବେଳେ ତମେ ସ୍ୱାମୀ ସ୍ତ୍ରୀ ଙ୍କ ପାଳି ସରିଲା ଏବେ ତ ଝିଅ ର ପାଳି, ତାକୁ ଆମେ ଧର୍ଷଣ କରି ହତ୍ୟା କରିବୁ ବୋଲି ଧମକ ଦେଇଥିଲେ । ଗୁରୁତର ଅବସ୍ଥାରେ ୧୦୮ ଯୋଗେ ଈଶ୍ୱରପୁର ମେଡିକାଲ ଓ ଅବସ୍ଥା ଗୁରୁତ୍ୱର ହେବାରୁ ପରେ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା । ଏବେ ସ୍ତ୍ରୀ ଚିକିତ୍ସାଧୀନ ଅଛନ୍ତି ବୋଲି ଜଣା ପଡିଛି । ଘରେ ସ୍ୱାମୀ ଆକ୍ସିଡେଂଟ ହୋଇ ଘରେ ରହିଥିବା ବେଳେ ଶ୍ୱଶୁର ମଧ ଚଲା ବୁଲା କରି ପାରୁନଥିବା ବେଳେ ତାଙ୍କ ପରିବାର ପ୍ରତି ଏଭଳି ଅମାନୁଷିକ ଆକ୍ରମଣ ଘଟଣାକୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ନୀଳଗିରି ପୋଲିସ ପକ୍ଷରୁ ୧୫୩/୨୬ ନଂ ଏକ ମାମଲା ରୁଜୁକରି ତଦନ୍ତ ଜାରିରହିଛି ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଗୁରତର

ଖୁଂଟା(ନିପ୍ର): ଦୁର୍ଘଟଣା ଘଟିଛି ଖୁଂଟା ଥାନା ଅନ୍ତର୍ଗତ ବଡପଥରା ଗ୍ରାମ ପଂଚାୟତ ଅଧୀନ ଦୁର୍ଘଟଣା ପ୍ରବଣ ଅଂଚଳ ଭାବରେ ପରିଚିତ ରାଣୀପାଳସ୍ଥିତ ଟର୍ଣ୍ଣି ପଏଂଟରେ । ତା ୨୨.୦୩.୨୦୨୬ ରିଖ ଅପରାହ୍ନ ଦୁଇଟା ସମୟରେ ଘଟିଛି ଏହି ଦୁର୍ଘଟଣା । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାମତେ ବଡସାହି ଥାନା ଅନ୍ତର୍ଗତ ଡୁମୁରଡିହା ଗ୍ରାମର ଦୁଇଜଣ ଯୁବକ ଏକ ବାଇକ ଯୋଗେ, ଖୁଂଟା ଥାନା ଅଧୀନରେ ଥିବା ଭୋଳାଗଡିଆ ନିଜ ନାନୀ ଘରକୁ ଆସିଥିଲେ । ଦ୍ରୁତ ଗତିରେ ଘରକୁ ଫେରିବା ସମୟରେ ରାଣୀପାଳ ବାଙ୍କରେ ବାଇକ ଚାଳକ ଭାରସାମ୍ୟ ହରାଇ ଥିଲେ । ଗୋଟେ ପରେ ଗୋଟେ ଦୁଇଟି ଗଛରେ ମୋଟର ସାଇକେଲଟି ବାଡେଇ ହୋଇ ୧୫ ଫୁଟ ତଳେ ନୟନଝୁଲି ରେ ପଡ଼ିଥିଲା । ବାଇକ ଆରୋହୀର ବେକ ଏବଂ ଗୋଟିଏ ଆଖିରେ ଶକ୍ତ କାଠ ଗଜଲି ପଶି ଯାଇ ପ୍ରବଳ ରକ୍ତ ସ୍ରାବ ହେଉଥିବା ଜଣାପଡ଼ିଛି । ଖବର ପାଇ ଖୁଂଟା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ସେମାନଙ୍କୁ ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ଉଦ୍ଧାର କରିଛି । ଦୁଇଜଣ ଯାକଙ୍କୁ ଚିକିତ୍ସା ନିମନ୍ତେ ପି ଆର ଏମ୍ମ ମେଡ଼ିକାଲକୁ ପଠାଯାଇଛି । ସେହି ସ୍ଥାନରେ ସାତ ଦିନ ତଳେ ଗୋଟିଏ ଦୁର୍ଘଟଣାରେ ଜଣେ ଗୁରୁତ୍ୱର ହୋଇଥିଲେ । ମାସେ ପୂର୍ବରୁ ଜଣେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ଖୁଂଟା ଥାନା ପୋଲିସ ପକ୍ଷରୁ ଦୁର୍ଘଟଣା ଗ୍ରସ୍ତ ହୋଣ୍ଡାସାଇନ୍ ନମ୍ବର ନଥିବା ନୂଆ ବାଇକଟିକୁ ଜବତ କରାଯାଇଛି । ରିପୋର୍ଟ ଲେଖା ହେଲା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ଦେଇଛନ୍ତି ନୂତନ ଥାନା ଅଧିକାରୀ ଶ୍ରୀ ଆଦିତ୍ୟ ପ୍ରସାଦ ଜେନା । କଣ ହେବ କିଏ କହିବ ବାଇକ ଚାଳକ ଜଣକର ଅବସ୍ଥା ଖୁବ ସଙ୍ଗୀନ ସଂକଟାପନ୍ନ ରହିଛି । ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନ ଜୀବନ କ୍ଷତି ହୋଇ ଆସୁଥିବା ବେଳେ, ବର୍ତମାନ ସୁଦ୍ଧା ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆନଯାଇ ନାହିଁ । ଯାହା ଫଳରେ ସ୍ଥାନୀୟ ଲୋକମାନଙ୍କ ଆକ୍ରୋଶ ବଢ଼ିବାରେ ଲାଗିଛି ।

# ରାଜ୍ୟସ୍ତରୀୟ ରଗବୀରେ 'ଫ୍ୟୁଚର ଷ୍ଟାର' ମହିଳା ଦଳ ଶକ୍ତିଶାଳି କିସ୍‌କୁ ହରାଇ ଚାମ୍ପିୟନ୍




ବାରିପଦା(ନିପ୍ର): ଚଳିତ ମାସ ୧୬ ଓ ୧୭ ତାରିଖ କେନ୍ଦୁଝରର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆନ୍ତଃ-ଜିଲ୍ଲା ବରିଷ୍ଠ ରଗବୀ ୭ ଏସ୍ ପ୍ରତିଯୋଗିତା - ୨୦୨୬ ରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମହିଳା ଦଳ ଏକ ଚିତାକର୍ଷକ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ଫାଇନାଲ୍ ମ୍ୟାଚ୍‌ରେ ଶକ୍ତିଶାଳୀ 'କିସ୍' ଦଳକୁ ୧୨-୧୦ ପଏଂଟରେ ପରାସ୍ତ କରି ଏକାଡେମୀ ଇତିହାସ ରଚିଛି । ପୂର୍ବରୁ ଦଳ ବାଲେଶ୍ୱରକୁ ୫୨-୦୦, କେନ୍ଦ୍ରାପଡାକୁ ୫୯-୦୦, ଜଗତସିଂହପୁରକୁ ୪୫-୦୦ ଏବଂ ସେମି ଫାଇନାଲରେ ମୟୂରଭଞ୍ଜକୁ ୨୬-୦୦ ବ୍ୟବଧାନରେ ପରାସ୍ତ କରି ନିଜର ଦବଦବା ବଜାୟ ରଖିଥିଲା । ଏହା ସହିତ ଏକାଡେମୀର ପୁରୁଷ ଦଳ ମଧ କ୍ୱାର୍ଟର ଫାଇନାଲରେ ସାହସିକତାର ସହ ଲଢି ସମସ୍ତଙ୍କର ପ୍ରଶଂସା ସାଉଁଟିଛନ୍ତି । ଏହି ଅବସରରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ ସଂଘର ସଭାପତି, ସମ୍ପାଦକ ଏବଂ ସମସ୍ତ କର୍ମକର୍ତାଙ୍କୁ ବିଶେଷ ଭାବେ ଧନ୍ୟବାଦ ଅର୍ପଣ କରାଯାଇଛି । ସଂଘର ପ୍ରୋତ୍ସାହନ ଓ ସହଯୋଗ ଯୋଗୁଁ ଏକାଡେମୀ ପ୍ରଥମ ଥର ପାଇଁ ନିଜସ୍ୱ ନାମରେ ଏହି ରାଜ୍ୟସ୍ତରୀୟ ମଂଚରେ ଖେଳିବାକୁ ସୁଯୋଗ ପାଇଥିଲା । ଖେଳାଳିମାନଙ୍କର ଏହି କଠିନ ପରିଶ୍ରମ ଓ ସମର୍ପଣ ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଓଡ଼ିଶା ରଗବୀ ସଂଘ ଏବଂ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳୀ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି ।





# ଆଇନ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,(ନି.ପ୍ର ) ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ କଂଟାବଲ୍ଲଭପୁର ବାଳିକା ଉଚ୍ଚ ବିଦ୍ୟାଳୟ ଶ୍ରେଣୀ କକ୍ଷରେ ଆଇନ ସେବା ପ୍ରାଧିକରଣ ଦ୍ୱାରା ବାଲ୍ୟ ବିବାହ ଦୂର କରିବା ଉଦ୍ଦେଶ୍ୟରେ ଘଇଖଝଇ ର ଇଝଐଇ ସ୍କିମ୍ ୨୦୨୫ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଅତିଥି ପରିଚୟ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ସି .ଜେ.ଏମ୍ ନିଳୀମା ପଣ୍ଡା ଅଧକ୍ଷତା କରିବା ସହିତ ନିଜର ଅଭିଭାଷଣ ରଖି ଆଇନ୍ ସେବା ପ୍ରାଧିକରଣ କେଉଁ ସୋପାନରେ କାର୍ଯ୍ୟକରେ ଏବଂ କିଭଳି ଆଇନ ସେବା ପ୍ରାଧିକରଣ ଦ୍ୱାରା ଜଣେ




ସାଧାରଣ ଜନତା ଉପକୃତ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ ଏବଂ ସମ୍ବିଧାନର କାର୍ଯ୍ୟ ପ୍ରଣାଳୀ ବିଷୟରେ ସମ୍ୟକ୍ ସୂଚନା ଦେବା ସହ ନାଗରିକ ମାନଙ୍କର ମୌଳିକ ଅଧିକାର ଓ କର୍ତବ୍ୟ ବିଷୟରେ ବିଶଦ ଆଲୋଚନା କରିଥିଲେ । ଆଇନ ସେବା ପ୍ରାଧିକରଣର ସଚିବ ବି.ଡ଼ି.ଡ଼ି ଚନ୍ଦନା ବାଲ୍ୟବିବାହ ନିରୋଧ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ, ଏହି ଆଇନ୍୧୯୨୯ରେ ଆରମ୍ଭ ହୋଇ ବିଭିନ୍ନ ସମୟରେ ଯେପରି ୨୦୦୬ ରେ ସଂଶୋଧନ ହୋଇ କିପରି ଜନ ଉପୋଯୋଗି ହୋଇପାରିଛି ସେ ବିଷୟରେ ଅବଗତ କରାଇଥିଲେ ଏବଂ ବିଦ୍ୟାଳର ଶିକ୍ଷକ, କର୍ମଚାରୀ ଓ ଛାତ୍ରୀମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ,ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଶ୍ମିତା ମିଶ୍ର ନିଜର ଅଭିଭାଷଣ ରଖିବା ସହିତ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ଉଦଯାପନ କରାଯାଇଥିଲା ।

# ଦୃଷ୍ଟିହୀନ ନାବାଳିକାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୨୫ ବର୍ଷ ଜେଲଦଣ୍ଡ

ଜୟପୁର, (ହି.ସ.)- ଦୃଷ୍ଟିହୀନ ନାବାଳିକାକୁ ଦୁଷ୍କର୍ମ ମାମଲାର ଆଜି ଜୟପୁର ସ୍ଥିତ ପୋକ୍ସୋ କୋର୍ଟ ରାୟ ଦେଇଛନ୍ତି । ଅତିରିକ୍ତ ଜିଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଜଜ୍ ସୁଶ୍ରୀ ସଂଘମିତ୍ରା ଦାସ ଏହି ରାୟ ଦେଇଛନ୍ତି । ସମସ୍ତ ସାକ୍ଷ୍ୟ ପ୍ରାମାଣକୁ ଭିତି କରି ଅଭିଯୁକ୍ତ ସେମିଳିଗୁଡା ଥାନା ଅନ୍ତର୍ଗତ କାଙ୍ଗାରା ଗ୍ରାମର ଲଇଛନ ଭୋଇକୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦୟ ହେଲେ ଅଧିକା ୩ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଶୁଣାଣି ହୋଇଛି । ସୂଚନା ଅନୁଯାୟୀ, ଗତ ୨୦୨୪ ମସିହାରେ ସେମିଳିଗୁଡା ଥାନା ଅନ୍ତର୍ଗତ କାଙ୍ଗାରା ଗ୍ରାମର ଲଇଛନ ଭୋଇ କୋରାପୁଟ ଥାନା ଅନ୍ତର୍ଗତ ଚେମିଆଗୁଡ଼ା ଗ୍ରାମରେ ରହୁଥିବା ଜଣକ ଘରକୁ ପୁଜା ପାଠ କରିବା ପାଇ ଯାଇଥିଲେ ଅଭିଯୁକ୍ତ ଲଇଛନ ଭୋଇ । ଜଣେ ଦୃଷ୍ଟି ହିନ ୧୫ ବର୍ଷର ନାବାଳିକାକୁ ଖରାପ ଥିବା ଆଖିକୁ ଭଲ କରିବା ବାହାନାରେ ନାବାଳିକାକୁ ନେଇ ମଦ ପିଆଇ ଦୁଷ୍କର୍ମ କରିଥିଲା । ଏନେଇ କୋରାପୁଟ ଟାଉନ ଥାନାରେ ନାବାଳିକାକକୁ ଦୁଷ୍କର୍ମ ହୋଇଥିବା ନେଇ ଗତ ୨୪.୦୯.୨୪ ତାରିଖରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତି କରି ପୋଲିସ ୨୭୩/୨୪ ମାମଲା ରୁଜୁ କରିଥିଲା । ଏହି ମାମଲାର ଶୁଣାଣି ଜୟପୁର ପୋକ୍ସୋ କୋର୍ଟରେ ଆଜି ହୋଇଛି । ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ ଉକ୍ତ ମାମଲାର ବିଚାର କରି ୯ ଜଣ ସାକ୍ଷିଙ୍କ ସାକ୍ଷ୍ୟ ପ୍ରାଣରୁ ଭିତି କରି ଅଭିଯୁକ୍ତ ଥିବା ଲଇଛନ ଭୋଇକୁ ବିଭିନ୍ନ ଧାରାରେ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଆଦାୟ ଜୋରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧମରେ ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

# ପଂଚାୟତ ଭିତରେ ଦଲାଲ କିଣୁଛନ୍ତି ପିଡିଏସ୍ ଚାଉଳ, ଲଗାମ ଲଗାଇବାରେ ବିଫଳ ପ୍ରଶାସନ

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଂଚାୟତ ଭିତରେ ଦଲାଲ କିଣୁଛନ୍ତି ପିଡିଏସ୍ ଚାଉଳ । ଆହାର ପାଇଁ ଯେପରି କୌଣସି ବ୍ୟକ୍ତିକୁ ସଂଘର୍ଷ କରିବାକୁ ନପଡେ ସେଥିପାଇଁ ଗରିବ ଓ ଅସହାୟଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ପିଡିଏସ୍ ବ୍ୟବସ୍ଥାରେ ଚାଉଳ ଯୋଗାଇ ଦେଉଛନ୍ତି । ତେବେ ତୃଣମୂଳ ସ୍ତରରେ କିନ୍ତୁ ଏହାର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । ଗରିବ ଓ ଅସହାୟ ଲୋକେ ଦଲାଲଙ୍କ କବଜାରେ ପଡି ମାସକ ପାଇଁ ମିଳୁଥିବା ଏହି ଚାଉଳ ବିକ୍ରି କରୁଥିବା ଚିତ୍ର ଦେଖିବାକୁ ମିଳିଛି । ପଂଚାୟତ ଭିତରେ ଥିବା ପୋଷ୍ଟ ଅଫିସ ଗୃହ ସମ୍ମୁଖରେ ଗଚ୍ଛିତ କରି ଦଲାଲ ମାନେ ଖୋଲାଖୋଲି ଭାବେ ଏହି ପିଡିଏସ୍ ଚାଉଳ ଖରିଦ କରୁଥିଲେ ମଧ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ବିଡମ୍ବନାର ବିଷୟ ପାଲଟିଛି । ପ୍ରତିଥର ଚାଉଳ ଏବଂ ମାଣ୍ଡିଆ ଦେବା ସମୟରେ ଉକ୍ତ ବ୍ୟକ୍ତି ମାନେ ଲୋକଙ୍କ ଠାରୁ କମ୍ ଦରରେ ଖରିଦ କରି ବଡ଼ ବ୍ୟବସାୟୀଙ୍କୁ ଅଧିକ ଅର୍ଥରେ ବିକ୍ରି କରି ଲାଭବାନ ହେଉଥିବା ଜଣାପଡ଼ିଛି । ଏପରି ସ୍ଥିତିରେ ଗରିବ ଓ ଅସହାୟଙ୍କ ପାଇଁ ଆସୁଥିବା ପିଡିଏସ୍ ଚାଉଳ ଏବଂ ମାଣ୍ଡିଆ ବଂଟନ ସମୟରେ ବ୍ୟବସାୟ କରୁଥିବା ଦଲାଲ୍ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ।

# ଥାପାଗୁଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ମାଲକାନଗିରି, (ହି.ସ.)- ମାଲକାନଗିରି ବ୍ଲକ ମାର୍କା ପାଲ୍ଲୀ ପଂଚାୟତ ଥାପାଗୁଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି । ପ୍ରଧାନସେବିକା ଆରତୀ ଚାଟର୍ଜୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ମାଝୀ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣ ଚନ୍ଦ୍ର ଅନୁଗୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଂଚ ହାତୀରାମ ଗାଡ଼ିଲି, ମାଲାଳିଗୁଡା ୱାର୍ଡ ମେମ୍ବର ସମରା ଗାରାମି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବକୃଷ୍ଣ ପୂଜାରୀ, ସାଉଲିଗୁଡା ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ସେବକ କବିରାଜ ପ୍ରଧାନ, ସି ଆର ସି ସି ଅମ୍ରିତ ବିଶ୍ୱାସ, ମହିଳାସ୍ୱାସ୍ଥ୍ୟ କର୍ମୀ ଭି. ପୁଷ୍ପାବତୀ ପ୍ରମୁଖ ମଂଚାସିନ ଥିଲେ । ସଭା ଆରମ୍ଭରେ ପ୍ରଧାନସେବିକା ଶ୍ରୀମତୀ ଚାଟର୍ଜୀ ବିଦ୍ୟାଳୟର ବାର୍ଷିକ ବିବରଣି ପଠନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର ଅନ୍ତେବାସୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଆୟୋଜନରେ ସେବକ ହରି ହର ମାଢ଼ି, ଅନିରୁଦ୍ଧ ଦାସ, ମମତା ଚାଲାଣ ଆରତୀ ପ୍ରଧାନ, ମେଟ୍ରୋନ ପ୍ରଭାତୀ ସାହୁ,ସିସିଏ ସବିତା ମାଛା, ସୋଭା ମାଡକାମୀ, ସୀତାରାଣୀ ନାୟକ ଓ ଲକ୍ଷ୍ମୀ ମାଡକାମୀ ସହଯୋଗ କରିଥିଲେ । ସର୍ବ ଶେଷରେ ସେବକ ପ୍ରସନ୍ନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ୟାସ୍‌ଲିକ୍ ହୋଇ ଜଳିଗଲା ଘର, ଗୁରୁତର ଅବସ୍ଥାରେ ମହିଳା ମେଡିକାଲରେ ଭର୍ତି

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମଭି - ୭୯ ବଜାର ନିକଟରେ ଥିବା ଅଭିଜିତ୍ ଶାହାଙ୍କ ଘରେ ଗ୍ୟାସ ଟାଙ୍କି ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି । ସୂଚନା ମୁତାବକ, ଘରେ ରୋଷେଇ ଚାଲିଥିବା ବେଳେ ହଠାତ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ଘରର ଆସବାବପତ୍ରକୁ ନିଆଁ ଧରିଥିଲା । ଅଗ୍ନିକାଣ୍ଡରେ ମହିଳା ଜଣକ ଗୁରୁତର ଆହତ ହୋଇ ଚିତ୍କାର କରିଥିଲେ । ପଡୋଶୀ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତି କରିଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଏହାସହ ପାଣି ପକାଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ । କାଲିମେଳା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲା ।

# ଅଙ୍ଗ ମୁଖ୍ୟ କେନାଲ କଂକ୍ରିଟ କାମରେ ଫାଟ, ନିମ୍ନମାନର କାମ ଅଭିଯୋଗ

ବଲାଙ୍ଗିର,(ହି.ସ.)- ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ସାଲେଭଟା ଗାଈଖାଇ ଅଙ୍ଗ ମୁଖ୍ୟ କେନାଲ କଂକ୍ରିଟ କାମ ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ହରଭଙ୍ଗା ମାଇନର ଠାରୁ ଡୁମେରପାଲି ପର୍ଯ୍ୟନ୍ତ ୫ କିଲୋମିଟର ଅଙ୍ଗ ମୁଖ୍ୟ କେନାଲର ଉନ୍ନତିକରଣ କାମ ଜଳସେଚନ ବିଭାଗ ପକ୍ଷରୁ ୮୦ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ କରାଯାଇଛି । କାମ ହେବାର ୧୦ ଦିନ ହେବ, ଏହାର ନିର୍ମାଣ ସରିଛି ଏବଂ ଏହାର ନିର୍ମାଣ କାର୍ଯ୍ୟ ବାଲାଜୀ ଠିକାସଂସ୍ଥା କରିଛି । ହେଲେ ଏ କେନାଲ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । କାମ ସମ୍ପୂର୍ଣ ହେବାର ୧୦ ଦିନ ହୋଇଛି, ଖୁଟଲିମୁଣ୍ଡା କେନାଲ ବ୍ରିଜ ରୁ ଡୁମେରପାଲି ପର୍ଯ୍ୟନ୍ତ ତଳ କଂକ୍ରିଟରେ ଫାଟ ସୃଷ୍ଟି ହୋଇଛି । ଫଳରେ ଏହାର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । କେନାଲ ଭିତରୁ ହାଲୁକା ମାଟି ନ ହଟାଇ ତା' ଉପରେ କଂକ୍ରିଟ କରିଦିଆଯାଇଥିବାରୁ ଓ ଗାଇଡ୍ ଲାଇନ ଅନୁସାରେ ବାଲି, ଗେଟି, ସିମେଂଟ, ପାଣି ଦିଆଯାଇ ନଥିବାରୁ ଫାଟ ସୃଷ୍ଟି ହେଉଥିବା ଅନୁମାନ କରାଯାଉଛି । ପୁଣି ଏ ଫାଟକୁ ଲୁଚାଇବାକୁ ସ୍ଥାନେ ସ୍ଥାନେ ମସଲା ଦେଇ ପ୍ୟାଚ କରାଯାଇଥିବା ଦେଖାଯାଇଛି । ନିମ୍ନ ମାନର କାମ ଯୋଗୁଁ ସ୍ଥାନେ ସ୍ଥାନେ ଗେଟି ମଧ ଉପୁଡି ଯାଉଛି । ଏଠାରେ ଲଗାଯାଇଥିବା ଭାଲଭ ଗୁଡିକ ମଧ ଜାମ ହୋଇନାହିଁ । ଏ ସମ୍ପର୍କରେ ଠିକା ସଂସ୍ଥା ମ୍ୟାନେଜର ଓ ବିଭାଗୀୟ ଯନ୍ତ୍ରୀ ପଂଚୁ ମାଝୀଙ୍କୁ ଫୋନ କରି ପଚରା ଯିବାରୁ ତାହା କିଛି ନୁହେଁ ଆଗକୁ ମେଂଟେନସ କାମରେ ଠିକ୍ ହୋଇଯିବ ବୋଲି କହିଥିଲେ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

# ବଲାଙ୍ଗିର ଜିଲ୍ଲାରେ ହର୍ଷ ଉଲ୍ଲାସରେ ମୁସଲିମ ସମ୍ପ୍ରଦାୟର ଇଦ୍ ଉଲ ଫିତର ପର୍ବ ପାଳନ

ବଲାଙ୍ଗିର,(ହି.ସ.)- ବଲାଙ୍ଗିର ଜିଲ୍ଲାରେ ହର୍ଷ ଉଲ୍ଲାସରେ ମୁସଲିମ ସମ୍ପ୍ରଦାୟର ଭାଇଭଉଣୀମାନେ ଇଦ ଉଲ ଫିତର ପର୍ବ ପାଳନ କରିଛନ୍ତି । ଗତକାଲି ରମଜାନ ମାସର ଶେଷ ସନ୍ଧ୍ୟାରେ ଇଦର ଚାନ୍ଦ ଦେଖିବା ପରେ ଆଜି ଏଠାରେ ଇଦ୍ ପାଳନ କରାଯାଇଛି ଓ ବଲାଙ୍ଗିର ଜିଲ୍ଲାର ପଟଣାଗଡ଼, ଟିଟିଲାଗଡ଼, ଲୋଇସିଂହା, କଂଟାବାଞ୍ଜି ଓ ବଲାଙ୍ଗିର ସହରରେ ସବୁ ମୁସଲମାନମାନେ ଇଦ ନମାଜ ପାଠ କରି ପରସ୍ପରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏଥିପାଇଁ ବଲାଙ୍ଗିର ସୁନ୍ନି ସଦର ମସଜିଦରେ ଏକ ଭବ୍ୟ ଆୟୋଜନ କରାଯାଇଥିଲା । ସହରର ସବୁ ମୁସଲମାନ ଭାଇମାନେ ଏକାଠି ହୋଇ ଇଦ ନମାଜ ପାଠ କରିଥିଲେ । ନମାଜ ପରେ ସମସ୍ତେ ପରସ୍ପରଙ୍କୁ ଆଲିଙ୍ଗନ କରି ଇଦ୍ ର ଶୁଭେଚ୍ଛା ଜଣାଇଥିଲେ । ହେଲେ ଗୋଟିଏ ମାସର ନିର୍ଜଳା ଉପବାସ ରୋଜା ରଖିବା ପରେ ଆଜି ସବୁ ମୁସଲିମ ଭାଇଭଉଣୀ ମାନେ ଇଦ୍ ଉଲ ଫିତର ପାଳନ କରିଛନ୍ତି କ୍ଷ ଯାହା ନୂତନତ୍ୱର ପର୍ବ ସହ ଦାନ ଧର୍ମର ପର୍ବ ଭାବରେ ମୁସଲମାନମାନେ ପାଳନ କରିଥାନ୍ତି । ଏବଂ ଉପବାସ ପରେ ମୁସଲମାନମାନେ ଗରିବଙ୍କୁ ଦାନ ଧର୍ମ ବା ଫିତ୍ରା ପ୍ରଦାନ କରିଥାନ୍ତି । ଏହି ଅବସରରେ ବିଶ୍ୱରେ ଶାନ୍ତି ପାଇଁ ସମୂହ ପ୍ରାର୍ଥନା କରିଥିଲେ ।

# ୧୫ ଲିଟର ଦେଶୀ ଓ ୧୭ ଲିଟର ବିଦେଶୀ ମଦ ଜବତ, ୨ ଗିରଫ

ଭୁବନ, (ହି.ସ.)- ଭୁବନ ଅବକାରୀ ବିଭାଗ କାର୍ଯ୍ୟାଳୟରେ ନୂତନ ନିରୀକ୍ଷକ ଭାବେ ବୁଲୁ ପାତ୍ର ଯୋଗଦେବା ପରଠାରୁ ରୀତିମତ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି । ଗତକାଲି ଦୁଇଟି ସ୍ଥାନରେ ଚଢଉ କରାଯାଇ ୧୫ ଲିଟର ଦେଶୀ ମଦ ସହିତ ୧୭ ଲିଟର ବିଦେଶୀ ମଦ ( ବିଅର) ଜବତ କରାଯାଇଥିଲା ଓ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ପ୍ରାପ୍ତ ସୂଚନାରୁ ଅନୁଯାୟୀ, ଭୁବନ ଥାନା ଅନ୍ତର୍ଗତ କଂସରଗୋଡା ଗ୍ରାମର ଦୁଃଶାସନ ମହାନ୍ତି ଦେଶୀ ମଦ ଓ ମହୁଲପାଳ ଗ୍ରାମର ଅକ୍ଷୟ କୁମାର ରାଉତ ନିୟମିତ ଭାବେ ବିଦେଶୀ ମଦ କାରବାର କରୁଥିଲେ । ଏ ସମ୍ପର୍କରେ ଖବର ପାଇ ଭୁବନ ଅବକାରୀ ଇନ୍ସପେକ୍ଟର ବୁଲୁ ପାତ୍ର ସଦଳବଳେ ଚଢ଼ଉ କରି କଂସରଗୋଡା ଗ୍ରାମର ଦୁଃଶାସନ ମହାନ୍ତିଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଓ ମହୁଲପାଳ ଗ୍ରାମର ଅକ୍ଷୟ କୁମାର ରାଉତଙ୍କ ଠାରୁ ୧୭ ଲିଟର ବିଦେଶୀ ମଦ ( ବିଅର) ଜବତ କରିଥିଲେ । ଅଭିଯୁକ୍ତ ଦୁଃଶାସନ ମହାନ୍ତିଙ୍କ ନାମରେ କେଶ୍ ନଂ ୧୯୨/୨୫-୨୬ ଓ ଅକ୍ଷୟ ରାଉତଙ୍କ ନାମରେ କେଶ୍ ନଂ ୧୯୩/୨୫-୨୬ ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅନଳର ୨୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନ, (ହି.ସ.)- ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନ୍ତର୍ଗତ ଧଳପଡ଼ା ପଂଚାୟତର ଅନଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୮ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣମୟୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କେନ୍ଦୁଝରର ଶ୍ରୀମାଙ୍କ ବରିଷ୍ଠ ସାଧକ ଅଜୟ କୁମାର ପଲେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସରପଂଚ ଶ୍ରୀନିବାସ ବେହେରା ଓ ଗ୍ରାମର ବରିଷ୍ଠ ନାଗରିକ ହୃଷିକେଶ ଖିଲାର, ଦୁର୍ଯ୍ୟୋଧନ ଆରୁକ, ହୃଷିକେଶ ସାହୁ, ଅଭୟ ବେହେରା ଯୋଗଦେଇ ସୁସ୍ଥ ଶରୀର ପାଇଁ କ୍ରୀଡା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ସମ୍ପାଦକ ମନମୋହନ ବେହେରା ମଂଚ ପରିଚାଳନା କରିଥିବା ବେଳେ ପଙ୍କଜ ମହାକୁଡ଼ଙ୍କ ସମେତ ସମସ୍ତ ଅପା ଓ୍ ଭାଇ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ କୃତୀ କ୍ରୀଡାବିତ୍ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ କୃତୀ କ୍ରୀଡାବିତ୍ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ ପ୍ରଥମ ଦିନରେ ୨୫ ହଜାର ଜୋରିମାନା ଆଦାୟ

କେନ୍ଦ୍ରାପଡ଼ା :ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସ୍ୱତନ୍ତ୍ର ଗାଡି ମଟର ଯା□ ଅଭିଯାନ ଆରମ୍ଭ କରାଯାଇଛି । ପ୍ରଥମେ କଟକ-ଚାନ୍ଦବାଲି ରାସ୍ତାର ଦୁହୁରିଆ ଛକରେ ଏହି ଅଭିଯାନ ଆରମ୍ଭ ହୋଇଥିଲା । ସେଠାରେ ଓଆର-୦୫-ଏଏମ-୭୫୨୯ନମ୍ବର ରାଜଭଟ ପ୍ରାଇଭେଟ ବସ୍‌ର ଫିଟନେସ ନଥିବାରୁ ୧୧ହଜାର ଟଙ୍କା ଜୋରିମାନା କରାଯାଇଥିଲା । ପରେ ରାଉତରାୟ ବସକୁ ନିର୍ଦ୍ଧାରିତ ସଂଖ୍ୟାରୁ ଅଧିକ ଯାତ୍ରୀ ପରିବହନ ପାଇଁ ୪ହଜାର ୨ଶହ ଟଙ୍କା ଓ ଟ୍ୟୁଙ୍କିଲ ବସ ଠାରୁ ଫେୟାର ଚାର୍ଟ ନଥିବାରୁ ୫ହଜାର ଟଙ୍କା ଜୋରିମାନା କରାଯାଇଥିଲା । ସେହିଭଳି ଦୁହୁରିଆ ସମେତ ଶ୍ୟାମସୁନ୍ଦରପୁର ଗଡା ନିକଟ ୫୩ନମ୍ବର ଜାତୀୟ ରାଜପଥ ଉପରେ ଗାଡି ଯା□ କରାଯାଇ ଅତ୍ୟଧିକ ଗତିରେ ଯାଉଥିବା ୨୮ଟି ଗାଡି, ବିନା



ହେଲମେଟରେ ଗାଡି ଚଲାଉଥିବା ୨୫ଟି ଦୁଇଚକିଆ ଗାଡି, ଭୁଲ ପାର୍ଶ୍ୱରେ ଗାଡି ଚାଳନା କରୁଥିବା ୪ଟି ଗାଡି, ୪ଟି ମାଲ ପରିବହନ ଯାନ, ୩ଟି ଯାତ୍ରୀ ପରିବହନ ଯାନରେ ଓଭରଲୋଡିଂ, ୫ଟି ମାଲ ପରିବହନ ଯାନରେ ଯାତ୍ରୀ ପରିବହନ, ୮ଟି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡିଚାଳନା,ଉପଯୁକ୍ତ ଶ୍ରେଣୀ ଲାଇସେନ୍ସ, ଅନୁମୋଦନ ବିନା ଗାଡି ଚାଳନା, ୮ଟି ଦୁଇ ଚକିଆ ଯାନରେ ଦୁଇରୁ ଅଧିକ ବସିଥିବା ୮ଟି ଗାଡିଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର କରୁଥିବା ଘଟଣାରେ ଜୋରିମାନା କରାଯାଇଛି । ଏଥିସହିତ ୫ଟି ଗାଡିକୁ ଜବତ କରାଯାଇଛି । ୫୬(୪) ମୋଟର ଭେଇକିଲ ଆଇନ ଅନୁଯାୟୀ ୨ଟି ଗାଡିର ଫିଟନେସ ସାର୍ଟିଫିକେଟ ବାତିଲ କରାଯାଇଛି । ୬ଜଣଙ୍କର ଡ୍ରାଇଭିଂ ଲାଇସେନ୍ସକୁ ନିଲମ୍ବନ କରାଯାଇଥିବା ବେଳେ ମୋଟ ୨୫ହଜାର ୬୫୦ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଆ□ଳିକ ପରିବହନ ଅଧିକାରୀ ଲୋକନାଥ ମେହେର ସୂଚନା ଦେଇଛନ୍ତି । ଏହି ସ୍ୱତନ୍ତ୍ର ଅଭିଯାନରେ ପରିବହନ ବିଭାଗ କେନ୍ଦ୍ରୀୟ ଜୋନର ଉପଆୟୁକ୍ତ ରଶ୍ମୀରଞ୍ଜିତ ଦଳବେହେରାଙ୍କ ସମେତ କେନ୍ଦ୍ରାପଡା ଆ□ଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବିଶ୍ୱ ବନଦିବସ ପାଳିତ

ବଲାଙ୍ଗିର, (ହି.ସ.)- ବଲାଙ୍ଗିର ଜିଲ୍ଲାରେ ଜଙ୍ଗଲଗୁଡିକର ପ୍ରମୁଖ ଭୂମିକା ରହିଛି ଓ ଜିଲ୍ଲାର ଲୋକଙ୍କ ଅର୍ଥନୀତି ସହିତ ଏହାର ନୀବିଡ ସମ୍ପର୍କ ରହିଆସିଛି । ଏବେ ବନବିଭାଗ ଅନେକଗୁଡିଏ ଯୋଜନାରେ ଲୋକଙ୍କୁ ସାମିଲ ଅର୍ଥନୀତିକୁ ଆହୁରି ସୁଦୃଢ କରିବାକୁ ପଦକ୍ଷେପ ନେଉଛନ୍ତି ବୋଲି ଆଜି ବଲାଙ୍ଗୀର ବନବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ବନଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଭବାନିପାଟଣାର ସର୍କଲର ଆରସିସିଏଫ ସନ୍ତୋଷ ଯୋଷି ମତବ୍ୟକ୍ତ କରିଛନ୍ତି ।

ସେ ଆହୁରି କହିଛନ୍ତି ଯେ, ଜଙ୍ଗଲର ଗଛ ଓ ବନ୍ୟଜନ୍ତୁ ଉଭୟ ପରିବେଶ ଲାଗି ଉପାଦେୟ । ସ୍ଥାନୀୟ ଲୋକେ ଜଙ୍ଗଲରୁ କେନ୍ଦୁପତ୍ର, ମହୁଲ, ଚାର, ବାହାଡା, ସାହାଡା, ଝୁଣା ଇତ୍ୟାଦି ଜଙ୍ଗଲଜାତ ଦ୍ରବ୍ୟସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି । ତେଣୁ ଏବେ ରାଜ୍ୟ ସରକାର ଏଭଳି ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି ଓ ଚାରା ସୃଷ୍ଟିକରି ବଂଟନ କରାଯାଉଛି । ଜଙ୍ଗଲ ସୁରକ୍ଷିତ ରହିଲେ ପରିବେଶ ସୁରକ୍ଷିତ ରହିବ । ତେଣୁ ଜଙ୍ଗଲର ସୁରକ୍ଷା ସାଙ୍ଗକୁ ବନ୍ୟଜନ୍ତୁମାନଙ୍କର ସୁରକ୍ଷାର ଆବଶ୍ୟକତା ରହିଛି । ଜଙ୍ଗଲ ସୁରକ୍ଷାରେ ସ୍ଥାନୀୟ ଲୋକଙ୍କର ଭୂମିକା ଅଧିକ ରହିଛି ବୋଲି ଶ୍ରୀ ଯୋଷୀ କହିଥିଲେ । ବଲାଙ୍ଗୀର ବନଖଣ୍ଡ ଅଧିକାରୀ ଅଜିତ ବିଶିଙ୍କ ସଭାପତିତ୍ୱ ଓ ଅର୍ଜୁନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଶ୍ରୀମତୀ ବବିତା ସିଂ ଓ ମୁଖ୍ୟବକ୍ତା ଭାବରେ ପଥରଚେପା ଆଦର୍ଶ ବିଦ୍ୟାଳୟର ଅଧକ୍ଷ କ୍ଷମାନୀଧି ଝାଙ୍କର ଯୋଗଦେଇଥିଲେ । ବବିତା ସିଂ ତାଙ୍କ ବକ୍ତବ୍ୟରେ ଟୁରିଜମ ସେଂଟରଗୁଡିକୁ ପଲିଥିନ ମୁକ୍ତ ତଥା ପ୍ରଦୂଷଣମୁକ୍ତ ରଖିବାକୁ ଆହ୍ୱାନ ଦେଇଥିଲେ । ଠିକ୍ ସେହିପରି ମୁଖ୍ୟବକ୍ତା ଶ୍ରୀ ଝାଙ୍କର ତାଙ୍କ ବକ୍ତବ୍ୟରେ ଜଙ୍ଗଲର କେବଳ ଗଛନୁହେଁ ବନ୍ୟଜନ୍ତୁ, କିଟପତଙ୍ଗଙ୍କର ମଧ ପରିବେଶ ସୁରକ୍ଷାରେ ଆବଶ୍ୟକତା ରହିଛି ବୋଲି କହିଥିଲେ । ଭାରତୀୟ ସଂସ୍କୃତିରେ କାହିଁ କେଉଁ ଆବାହମାନ କାଳରୁ ଜଙ୍ଗଲ ସହିତ ମଣିଷ ସମାଜର ସମ୍ପର୍କ ରହିଆସିଛି । ଆଧାତ୍ମିକତା ଓ ସମାଜିକ ସହାବସ୍ଥାନ ଆମର ମୂଳଧର୍ମ ହୋଇ ରହିଆସିଛି । ଜଙ୍ଗଲ ରହିଲେ ପରିବେଶ ସୁରକ୍ଷା ରହିବ ଓ ଜୀବଜଗତ ବଂଚିପାରିବ । ପରିବେଶ ପାଇଁ ବେଙ୍ଗ, ବାଦୁଡି, ଘରଚଟିଆ ଭଳି ଜୀବ ଓ କିଟପତଙ୍ଗଙ୍କର କିଭଳି ଭୂମୀକା ରହିଛି ସେନେଇ ଉପସ୍ଥିତ ଲୋକଙ୍କୁ ଶ୍ରୀ ଝାଙ୍କର ବୁଝାଇଥିଲେ । ପ୍ରାରମ୍ଭରେ ଏସିଏଫ ମାନସ ରଂଜନ ବେହେରା ଅତିଥିଗଣଙ୍କୁ ସ୍ୱାଗତକରି ଆଜିର ବନଦିବସର ଉଦ୍ଦେଶ୍ୟ ଓ ଥିମ "ଜଙ୍ଗଲ ଓ ଅର୍ଥନୀତି" ବିଷୟରେ କହିଥିଲେ । ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବନକର୍ମଚାରୀ ଚିନ୍ମୟ ପଧାନ ଓ ଟିଟିଲାଗଡ ଅଂଚଳର ଜଣେ ଭିଏସଏସ ସଭାପତି ଜଙ୍ଗଲ ସୁରକ୍ଷାର ଦିଗ ଉପରେ ଆଲୋଚନା କରିଥିଲେ ।

ଏହି ଅବସରରେ ଜିଲ୍ଲାର ବିଭିନ୍ନ ଉପଖଣ୍ଡ ଅଂଚଳରେ ପରିବେଶ ସୁରକ୍ଷା ପାଇଁ କାମ କରୁଥିବା ସ୍କୁଲ ଓ ବନସଂରକ୍ଷଣ ସମିତିଗୁଡିକୁ ପୁରସ୍କୃତ କରାଯାଇଥିଲା । ଶେଷରେ ବଙ୍ଗୋମୁଣ୍ଡା ରେଞ୍ଜଅଫିସର ପଦ୍ମନାଭ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଏସିଏଫ ସୁମନ ମାଝୀ, ବଲାଙ୍ଗୀର ରେଞ୍ଜଅଫିସର ନବୀନ କୁମାର ପଣ୍ଡା ସମେତ ଜିଲ୍ଲାର ବିଭିନ୍ନ ଅଂଚଳର ଶତାଧିକ ବନ ସଂରକ୍ଷଣ ସମିତିର କର୍ମକର୍ତା, ବନ କର୍ମଚାରୀ ଓ ସାମ୍ବାଦିକଗଣ ଯୋଗଦେଇଥିଲେ ।

# ଗ୍ରୀଷ୍ମ ଆରମ୍ଭରୁ ଘଂଟେଶ୍ୱର ଅଂଚଳରେ ଜଳ ସଙ୍କଟ: ୪୦୦ ପରିବାର ପିଇବା ପାଣିରୁ ବଂଚିତ

ଭଦ୍ରକ, (ହି.ସ.) - ଗ୍ରୀଷ୍ମ ଆରମ୍ଭ ରୁ ପିଇବା ପାଣିର ଅଭାବ, ପୋଖରୀ ପାଣି ଗ୍ରାମବାସୀ ଙ୍କ ସାହା ଭରସା, ତୁରନ୍ତ ପାଣି ସମସ୍ୟା ସମାଧାନ ନହେଲେ କାର୍ଯ୍ୟରତ ଠିକାଦାରଙ୍କ ଜେସିବି ଅଟକ, ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ଅଧୀନ ବଜାରପୁର ଗ୍ରାମପଂଚାୟତର ଷଣ୍ଢଗଡା ଗ୍ରାମରେ ଗ୍ରୀଷ୍ମ ଋତୁ ଆରମ୍ଭରୁ ପାନୀୟ ଜଳ ସମସ୍ୟା ଭୟାବହ ରୂପ ନେଇଛି । ପ୍ରାୟ ୪୦୦ ପରିବାର ଏହି ସମସ୍ୟାରେ ପ୍ରଭାବିତ ହୋଇ ପିଇବା ପାଣି ପାଇଁ ଦିନକୁ ଦିନ ଅସହାୟ ଅବସ୍ଥାରେ ରହୁଛନ୍ତି । ସରକାରୀ ରେକର୍ଡ ଅନୁସାରେ ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା କଥା ଦର୍ଶାଯାଉଥିବା ବେଳେ, ବାସ୍ତବ ଚିତ୍ର ସମ୍ପୂର୍ଣ ଓଲଟା । ଅଧା ପନ୍ତରିଆ ଭାବେ କାର୍ଯ୍ୟ ।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରୁଥିବା ବେଳେ ଲୋକଙ୍କ ପାଖରେ ଆଜି ଭଳି ଦିନରେ ପିଇବା ପାଣି ପହଂଚି ପାରୁନାହିଁ, ନିମ୍ନ ମାନର ପାଇପ ବିଛାଣ ପାଇଁ ଏଭଳି ସମସ୍ୟା ଦେଖିବାକୁ ମିଳୁଛି,ପାଇପ ଲାଇନ୍ ସଠିକ ଭାବେ ବିଛାଯାଇନାହିଁ ଏବଂ ଅନେକ ସ୍ଥାନରେ ଅଧା ପନ୍ତ ରିଆ କାର୍ଯ୍ୟ କୁ ଛାଡି ଠିକାଦାର ଫେରାର ହେଇ ଯାଉଛନ୍ତି ଅଭିଯୋଗ ପରେ ମଧ ବିଭାଗୀୟ ଅଧିକାରୀ ହଉ ଦେଖିବା କହି କୌଣସି ପଦକ୍ଷେପ ନେଉ ନାହାନ୍ତି ଫଳରେ ଲୋକମାନେ ପୋଖରୀ ରୁ ପାଣି ଆଣି ପିଇବାକୁ ବାଧ ହେଉଛନ୍ତି ।ଏହି ପୋଖରୀ ପାଣି ପିଇବା ଫଳରେ ଛୋଟ ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ବାନ୍ତି, ଡାଏରିଆ, ଚର୍ମ ରୋଗ ଭଳି ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି । ଷଣ୍ଢଗଡା ଗ୍ରାମର ପ୍ରହଲ୍ଲାଦ ସ୍ୱାଇଁ, ଅମୁଲ୍ୟ ମହାକୁଡ଼, ରଞ୍ଜନ ସ୍ୱାଇଁ, କୈଳାଶ, ସଚିତ୍ର ବେହେରା, ଅର୍ଜୁନ ମାଝୀ ଙ୍କ ସମେତ ଶତାଧିକ ଗ୍ରାମବାସୀମାନେ ଏହାକୁ ନେଇ ଗୁରୁତର ଅଭିଯୋଗ ଆଣି କହିଛନ୍ତି ଯେ, ପ୍ରକଳ୍ପ କମ୍ପାନୀ ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ସମନ୍ୱୟ ର ଅଭାବ ପାଇଁ ଅଂଚଳ ବାସି ପିଇବା ପାଣି ପାଇଁ ଅସୁବିଧା ଭୋଗ କରୁଛନ୍ତି ।ଗ୍ରାମବାସୀମାନେ ବହୁଥର ସମ୍ପର୍କିତ ବିଭାଗକୁ ଲିଖିତ ଅଭିଯୋଗ କରିଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ଯାଇ ନାହିଁ । ଏହା ଫଳରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢୁଛି ।ଏହି ଗୁରୁତର ପରିସ୍ଥିତିରେ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି ଯେ, ଶୀଘ୍ର ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ସେମାନେ ଆମରଣ ଆନ୍ଦୋଳନରେ ବସିବେ । ସ୍ଥାନୀୟ ଲୋକଙ୍କ ଦାବି ହେଉଛି, ମେଗା ପାନୀୟ ଜଳ ପ୍ରକଳ୍ପର ସଠିକ ତଦନ୍ତ କରାଯାଉ ଏବଂ ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ । ସେହିପରି, ଶୀଘ୍ର ଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି ।

# ଓଡ଼ିଆ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ଗୀତକୁ ପୋଷ୍ଟ କଲେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର: ପ୍ରଧାନମନ୍ତ୍ରୀଙ୍କ ଫେସବୁକ୍ ପୋଷ୍ଟରେ ଓଡ଼ିଆ ଝିଅ । ଚୈତ୍ର ନବରାତ୍ରୀ ଉପଲକ୍ଷେ 'ଦୁର୍ଗତି ନାଶିନୀ ମା'ର ୟୁଟ୍ୟୁବ୍ ଲିଙ୍କ୍ ସେୟାର କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହାକୁ ଗାଇଛନ୍ତି ଓଡିଆ କଣ୍ଠ ଶିଳ୍ପୀ ଦୀପ୍ତିରେଖା ପାଢ଼ୀ । ମୋଦି ନିଜ ସୋସିଆଲ୍ ମିଡିଆ ପେଜ୍‌ରେ ଏକ ଭକ୍ତିମୟ ଓଡ଼ିଆ ଗୀତର ୟୁଟ୍ୟୁବ୍ ଲିଙ୍କ୍ ସେୟାର କରିଛନ୍ତି । ଗୀତର ନାଁ ରହିଛି ଦୁର୍ଗତିନାଶିନୀ ମାଆ । ମୋଦି ତାଙ୍କ ଫେସବୁକ ପୋଷ୍ଟରେ ଲେଖିଛନ୍ତି ଯେ, ମାଆଙ୍କର ଭକ୍ତିରେ ବିରାଟ ଶକ୍ତି ରହିଛି । ଦେବୀ ମାଆଙ୍କ ବନ୍ଦନାରେ ଶ୍ରଦ୍ଧାଳୁଙ୍କ ମନ ସକାରାତ୍ମକ ଉର୍ଜାରେ ଭରିଯାଏ ବୋଲି ଲେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

# ୨ବର୍ଷିୟା ବି.ଏଡ୍, ଏମ.ଏଡ୍, ବି.ଏଚ.ଏଡ୍ ପ୍ରବେଶିକା ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି




ଭୁବନେଶ୍ୱର : ଖୁବଶୀଘ୍ର ହେବ ବି.ଏଡ୍, ଏମ.ଏଡ୍, ବି.ଏଚ.ଏଡ୍ ପାଇଁ ପ୍ରବେଶିକା ପରୀକ୍ଷା । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଛି ବିଜ୍ଞପ୍ତି । ଏନେଇ ଆସନ୍ତାକାଲି ଠାରୁ ଆବେଦନ ପ୍ରକିୟା ଆରମ୍ଭ ହେବ । ମେ' ୩୧ ରେ ବି.ଏଡ୍ ଏବଂ ଜୁନ ୩ରେ ଏମ. ଏଡ୍ ଏବଂ ବି. ଏଚ. ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ୨ ବର୍ଷୀୟା ବି.ଏଡ୍, ଏମ.ଏଡ୍, ବି.ଏଚ.ଏଡ୍ ପାଠ୍ୟକ୍ରମରେ ନାମଲେଖା ପ୍ରକିୟା ଶୀଘ୍ର ଆରମ୍ଭ କରାଯିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି ।ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କର ଚୟନ ପ୍ରବେଶିକା ପରୀକ୍ଷା ମାଧ୍ୟମରେ କରାଯିବ । ଉକ୍ତ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ୨୩ ମାର୍ଚ୍ଚ, ୨୦୨୬ ଠାରୁ ୬ ଏପ୍ରିଲ, ୨୦୨୬ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ Common Application Form ପୂରଣ କରିପାରିବେ । ଆବେଦନକାରୀଙ୍କ ସମସ୍ତ ତଥ୍ୟ ଓକାକ ପକ୍ଷରୁ ଏପ୍ରିଲ ୧୩ ତାରିଖ ଦିନ ପରୀକ୍ଷା ପରିଚାଳନା କରିଥିବା ଷ୍ଟେଟ ସିଲେକ୍ସନ ବୋର୍ଡ଼କୁ ପ୍ରଦାନ କରାଯିବ ।ମେ' ୨୭ ତାରିଖରେ ପ୍ରବେଶିକା ପରୀକ୍ଷା ପାଇଁ ଆଡ଼ମିଟ୍ କାର୍ଡ଼ ଉପଲବ୍ଧ ହେବ ।






# ଦେଶର ସବୁଠାରୁ ଅଧିକ ସମୟ ଶାସନ ମୁଖ୍ୟ ହେଲେ ପ୍ରଧାନମନ୍ତ୍ରୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିକିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମଲିଙ୍ଗଙ୍କୁ ପଛରେ ପକାଇ ଦେଶର ସବୁଠାରୁ ଅଧିକ ସମୟ ପାଇଁ ଶାସନ ମୁଖ୍ୟ ହେବାର ରେକର୍ଡ ସ୍ଥାପନ କରିଛନ୍ତି । ଭାରତୀୟ ଜନତା ପାର୍ଟିର ଆଇଟି ବିଭାଗର ମୁଖ୍ୟ ଅମିତ ମାଲବ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ ପବନ କୁମାର ଚାମଲିଙ୍ଗ ୮,୯୩୦ ଦିନ ପାଇଁ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ବିପରୀତରେ, ନରେନ୍ଦ୍ର ମୋଦି ଏବେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଉଭୟ ଭାବରେ ମୋଟ ୮,୯୩୧ ଦିନ କାର୍ଯ୍ୟ କରିଛନ୍ତି ।ସେ ମନ୍ତବ୍ୟ ଦେଇଛନ୍ତି ଯେ ଏହି ସଫଳତା ଦଶନ୍ଧି ଧରି ନିରନ୍ତର ଜନସେବା ଏବଂ ନେତୃତ୍ୱକୁ ପ୍ରତିଫଳିତ କରେ ।ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ନରେନ୍ଦ୍ର ମୋଦୀଙ୍କ ନାମ ଅନେକ ଭିନ୍ନ ସଫଳତା ମଧ୍ୟ ଶ୍ରେୟିତ । ସେ ଗୁଜରାଟର ସବୁଠାରୁ ଅଧିକ ସମୟ ପାଇଁ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ଏହା ସହିତ, ସେ ମୁଖ୍ୟମନ୍ତ୍ରୀ ଭାବରେ ସବୁଠାରୁ ବ୍ୟାପକ ପୂର୍ବ ଅଭିଜ୍ଞତା ସହିତ ପ୍ରଧାନମନ୍ତ୍ରୀ ।ଅମିତ ମାଲବ୍ୟ ସୂଚାଇଛନ୍ତି ଯେ ନରେନ୍ଦ୍ର ମୋଦୀ ଭାରତର ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିବା ପ୍ରଥମ ପ୍ରଧାନମନ୍ତ୍ରୀ । ଏହା ବ୍ୟତୀତ, ସେ କ୍ରମାଗତ ତିନୋଟି ଲୋକସଭା ନିର୍ବାଚନରେ - ୨୦୧୪, ୨୦୧୯ ଏବଂ ୨୦୨୪ରେ ବିଜୟ ହାସଲ କରିଛନ୍ତି ।


୨୦୨୬ ଆରମ୍ଭରୁ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଇନଷ୍ଟାଗ୍ରାମେର ୧୦୦ ମିଲିୟନ (୧୦ କୋଟି) ଫେଲାଅର୍ସ ପାର କରିଛନ୍ତି । ଏହି ପ୍ଲାଟଫମର୍ରେ ଉପଲବ୍ଧି ହାସଲ କରିବାରେ ପ୍ରଥମ ବିଶ୍ୱ ନେତା ହୋଇଥିଲେଲ । ପ୍ରଧାନମନ୍ତ୍ରୀ ମୋଦି ୨୦୧୪ ରେ ଇନଷ୍ଟାଗ୍ରାମରେ ଯୋଗ ଦେଇଥିଲେଲ । ଗତ ୧୦ ବର୍ଷ ମଧ୍ୟରେ, ବିଶ୍ୱ ନେତାମାନଙ୍କ ମଧ୍ୟେର ତାଙ୍କ ଆକାଉଂଟ ସବୁଠାରୁ ସକ୍ରିୟ ରହିଛି । ସେଭଳି ଏକ୍ସ (ପୂର୍ବରୁ ଟ୍ୱିଟର) ରେ ୧୦୬ ମିଲିୟନ ବା ୧୦ କୋଟି ୬୦ ଲକ୍ଷରୁ ଅଧିକ ଫେଲାଅର୍ସ ଅଛନ୍ତି । ପିଏମ୍ ମୋଦିଙ୍କୁ ତାଙ୍କ ରେକର୍ଡ ପାଇଁ ରାଜେନିତିକ ବଗର୍ର ନେତାମାନେ ଅଭିନନ୍ଦନ ଜଣାଉଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ଲେଖିଛନ୍ତି ଯେ ନରେନ୍ଦ୍ର ମୋଦି ଭାରତର ସବୁଠାରୁ ଦୀର୍ଘ ସମୟ ଧରି ଶାସନ କରୁଥିବା ସରକାର ମୁଖ୍ୟ ହୋଇଛନ୍ତି, ସେବା, କଠିନ ପରିଶ୍ରମ ଏବଂ ସମପର୍ଣର ଉଦାହରଣ ସ୍ଥାପନ କରିଛନ୍ତି । ସେ ମୋଟ ୮,୯୩୧ ଦିନ ପୁରା କରି ପବନ କୁମାର ଚାମଲିଙ୍ଗ ରେକର୍ଡ ଭାଙ୍ଗିଛନ୍ତି । ଗୁଜରାଟର ମୁଖ୍ୟମନ୍ତ୍ରୀରୁ ନେଇ ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଦେଶହିତ, ପାରଦର୍ଶିତା ଓ ନିରନ୍ତର ଜନସେବା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି । ଯାହାକୁ ଏକ ଦୁଲର୍ଭ ଓ ଭରସା ଉପରେ ଆଧାରିତ ଐତିହ ଭାବେର ଦେଖାଯାଏ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ପିଏମ୍ ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଲେଖିଛନ୍ତି, ପିଏମ୍ ମୋଦିଙ୍କ ବହୁ ବର୍ଷର ପରିଶ୍ରମ ଓ ସେବା ଦେଶରେ ବଡ଼ ପରିବର୍ତନ ଆଣିଛି । ଗରିବଙ୍କ ପାଇଁ ଯୋଜନା,ବିକାଶର ନୂଆ କାମ ଓ ଦୁନିଆରେ ଭାରତର ପରିଚୟ ମଜବୁତ କରିବା ଭଳି ପଦକ୍ଷେପ ତାଙ୍କୁ ଦେଶକୁ ଆଗକୁବଢାଇବାକୁଚେଷ୍ଟା କରିଛି ।ସେ ୨୪ ବର୍ଷ ଧରି ବିନା ଛୁଟିରେ ଲଗାତାର କାମ କରିଛନ୍ତି,ଯାହାକିତାଙ୍କର ପରିଶ୍ରମ ଓ ସମପର୍ଣକୁ ଦର୍ଶାଉଛି ।

# ଜେଏନୟୁ ଓଡ଼ିଶା ଆଲୁମ୍ନି ସଂଘର ବାର୍ଷିକ ସମ୍ମିଳନୀରେ ଯୋଗ ଦେଲେ ରାଜ୍ୟପାଳ



ଭୁବନେଶ୍ୱର: ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିବାରେ ପୂର୍ବତନ ଛାତ୍ର ସଂଘର ବିଶେଷ ଭୂମିକା ରହିଛି ଏବଂ ସେମାନଙ୍କର ଅଭିଜ୍ଞତା, ଜ୍ଞାନ ଓ ଦୃଷ୍ଟିକୋଣ ଯୁବ ଛାତ୍ରଛାତ୍ରୀଙ୍କ ପାଇଁ ଅମୂଲ୍ୟ ସମ୍ପଦ ବୋଲି ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି ଓ ଆଜି ଓୟୁଏଟିର ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜେଏନୟୁ ଓଡ଼ିଶା ଆଲୁମ୍ନି ସଂଘର ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ବାର୍ତା ଦେଇଛନ୍ତି ଓ ଏହି ଅବସରରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ଦଶନ୍ଧି ଦଶନ୍ଧି ଧରି ଭାରତର ପ୍ରମୁଖ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ ହୋଇଛି । ଏହା କେବଳ ଶିକ୍ଷାଗତ ଶ୍ରେଷ୍ଠତ୍ୱ ପାଇଁ ନୁହେଁ ବରଂ ସମାଲୋଚନାତ୍ମକ ଚିନ୍ତାଧାରା, ବିଚାରର ଉନ୍ମୁକ୍ତତା ଏବଂ ଗଭୀର ସାମାଜିକ ଦାୟିତ୍ୱବୋଧ ପାଇଁ ମଧ୍ୟ ପରିଚିତ । ଜେଏନୟୁ ସର୍ବଦା ଛାତ୍ରଛାତ୍ରୀମାନଙ୍କୁ ପ୍ରଶ୍ନ କରିବା, ଚିନ୍ତନ କରିବା ଏବଂ ବିଶ୍ୱ ସହିତ ଅର୍ଥପୂର୍ଣ୍ଣ ଭାବେ ଯୋଡ଼ି ହେବାକୁ ପ୍ରୋତ୍ସାହିତ କରିଆସିଛି । ଏହି ଗୁଣାବଳୀ ଯେକୌଣସି ମହାନ ପ୍ରତିଷ୍ଠାନର ପ୍ରକୃତ ଶକ୍ତି ଏବଂ ଜେଏନୟୁ ଏହାକୁ ନିରନ୍ତର ବଜାୟ ରଖିଆସିଛି । ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ଜେଏନୟୁର ପୂର୍ବତନ ଛାତ୍ରଛାତ୍ରୀମାନେ ଏହି ସମୃଦ୍ଧ ଐତିହ୍ୟର ସାକ୍ଷୀ ସ୍ୱରୂପ । ବିଶ୍ୱବ୍ୟାପୀ ଜେଏନୟୁ ସ୍ନାତକମାନେ ବିଭିନ୍ନ କ୍ଷେତ୍ର ଯଥା ଶିକ୍ଷା, ଲୋକ ସେବା, ଲୋକନୀତି, ବିଜ୍ଞାନ, ଗଣମାଧ୍ୟମ, ସାହିତ୍ୟ, କୂଟନୀତି ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି । ସେମାନଙ୍କର ସଫଳତା କେବଳ ବ୍ୟକ୍ତିଗତ ଶ୍ରେଷ୍ଠତ୍ୱ ନୁହେଁ ବରଂ ବୃହତର ସାମାଜିକ ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ଗୋଷ୍ଠୀ ରାଷ୍ଟ୍ର ନିର୍ମାଣ, ବିଚାରଧାରା ଗଠନ ଏବଂ ଜାତୀୟ ତଥା ଆନ୍ତର୍ଜାତିୟସ୍ତରରେ ଅଗ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛନ୍ତି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ । ଓଡ଼ିଶାରେ ଏପରି ଏକ ପ୍ରତିଷ୍ଠିତ ଏବଂ ଜୀବନ୍ତ ପୂର୍ବତନ ଛାତ୍ର ସଂଘର ଉପସ୍ଥିତି ଗର୍ବର ବିଷୟ ବୋଲି ରାଜ୍ୟପାଳ କହିଥିଲେ । ସେମାନଙ୍କ ଭଳି ପୂର୍ବତନ ଛାତ୍ର ସଂଘ ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରେ । ଏହି ସଂଘ ସହଯୋଗ, ମାର୍ଗଦର୍ଶନ ଏବଂ ସେବା ପାଇଁ ସୁଯୋଗ ସୃଷ୍ଟି କରିବା ସହିତ ଅଭିଜ୍ଞତା ଓ ଆକାଂକ୍ଷା, ଜ୍ଞାନ ଓ ଉର୍ଜାକୁ ଏକତ୍ରିତ କରେ । ଭବିଷ୍ୟତ ପିଢ଼ିକୁ ମାର୍ଗଦର୍ଶନ କରିବାରେ ପୂର୍ବତନ ଛାତ୍ର ସଂଘର ଅଭିଜ୍ଞତା, ଜ୍ଞାନ ଏବଂ ଅନ୍ତର୍ଦୃଷ୍ଟି ଯୁବ ଛାତ୍ରମାନଙ୍କ ପାଇଁ ଅମୂଲ୍ୟ ସମ୍ପଦ । ସେମାନଙ୍କୁ ପରାମର୍ଶ ଦେଇ ପୂର୍ବତନ ଛାତ୍ର ସଂଘ କେବଳ ବ୍ୟକ୍ତିଗତ ବୃତି ନୁହେଁ ବରଂ ସମାଜର ଭବିଷ୍ୟତକୁ ମଧ୍ୟ ଗଢ଼ିବାରେ ସାହାଯ୍ୟ କରନ୍ତି । ଏପରି ସମ୍ପର୍କ ଶିକ୍ଷାର ମୂଳଦୁଆକୁ ମଜବୁତ କରେ ଏବଂ ଶିକ୍ଷାକୁ ଶ୍ରେଣୀଗୃହ ବାହାରେ ବାସ୍ତବ ଜୀବନର ପ୍ରଭାବ ପର୍ଯ୍ୟନ୍ତ ପହଂଚାଇବା ସୁନିର୍ଶ୍ଚିତ କରେ । ଓଡ଼ିଶା ଆଜି ବିକାଶ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପହଂଚିଛି । ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଉନ୍ନୀତ ଆକାଂକ୍ଷା ସହିତ ଶିକ୍ଷା, ଭିତିଭୂମି, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ କଲ୍ୟାଣ ଭଳି କ୍ଷେତ୍ରରେ ପ୍ରଗତି କରୁଛି । ତଥାପି ସମାବେଶୀ ଏବଂ ସ୍ଥାୟୀ ବିକାଶର ପଥ ପାଇଁ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ । ଏହି ଦିଗରେ ପୂର୍ବତନ ଛାତ୍ର ସଂଘର ସଦସ୍ୟମାନଙ୍କୁ ରାଜ୍ୟର ବିକାଶରେ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ ।

# ବଡ଼ଦାଣ୍ଡରେ ଖୋଲି ପାରିବେନି ମଦ ଦୋକାନ



ଭୁବନେଶ୍ୱର: ଏଣିକି ବଡ଼ଦାଣ୍ଡରେ ଖୋଲି ପାରିବେନି ମଦ ଦୋକାନ । ପୁରୀ ଶ୍ରୀମନ୍ଦିର ୧ କି.ମି. ପରିଧି ବଡ଼ଦାଣ୍ଡରେ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇ ପାରିବ ନାହିଁ । ଏହି ପରିଧି ମଧ୍ୟରେ ମଦ ଦୋକାନ ଖୋଲିବାକୁ କୌଣସି ସ୍ୱତନ୍ତ୍ର ନିୟମ ନାହିଁ । ଏହାକୁ ଅବକାରୀ ବିଭାଗ କଡ଼ାକଡ଼ି ଭାବେ ପାଳନ କରିବାକୁ ଷ୍ଟାଣ୍ଡିଂ କମିଟି ଅବକାରୀ ବିଭାଗକୁ ସୁପାରିସ କରିଛି । ଓଡ଼ିଶା ଅବକାରୀ ନିୟମ-୨୦୧୭ ଅନୁସାରେ, ସହରାଂଚଳରେ ଥିବା ମନ୍ଦିରଠାରୁ ୩୦୦ ମିଟର ଭିତରେ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇ ପାରିବନି । ସେହିପରି ଶିକ୍ଷାନୁଷ୍ଠାନ ପରିସରରୁ ୫୦୦ ମିଟର ପରିଧି ମଧ୍ୟରେ ମଦ ଦୋକାନ ଖୋଲାଯାଇ ପାରିବ ନାହିଁ । କେବଳ ମଦ ଦୋକାନ ନୁହେଁ, ବରଂ ଶିକ୍ଷାନୁଷ୍ଠାନଠାରୁ ୧ କି.ମି. ପରିଧି ମଧ୍ୟରେ କୌଣସି ନିଶା ଦ୍ରବ୍ୟ ଦୋକାନ ଖୋଲିବାର ନିୟମ ନାହିଁ । ନିଶା ସେବନ ଦ୍ୱାରା ଆପରାଧିକ କାର୍ଯ୍ୟ ବଢୁଛି । ତେଣୁ ୧୮ବର୍ଷରୁ କମ ଯୁବବର୍ଗଙ୍କୁ ମଦ ବିକ୍ରି କରାଯାଇ ପାରିବ ନାହିଁ । ଅନେକ କ୍ଷେତ୍ରରେ ଯୁବବର୍ଗ ଅନ୍ ?ଲାଇନ ମାଧ୍ୟମରେ ସ୍ୱିଗି ଏବଂ ଜୋମାଟୋ ଦ୍ୱାରା ମଦ ଅର୍ଡର କରିଥାନ୍ତି । ଶିକ୍ଷାନୁଷ୍ଠାନ ଛାତ୍ରାବାସରେ ସ୍ୱିଗି ଏବଂ ଜୋମାଟୋ ମାଧ୍ୟମରେ ମଦ ପହଂଚିଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନର ଛାତ୍ରାବାସକୁ ମଦ ପ୍ରବେଶ ନିଷେଧ କରାଯିବା ସହିତ ସ୍ୱିଗି ଏବଂ ଜୋମାଟୋ ମାଧ୍ୟମରେ ମଦ ଯୋଗାଣକୁ ନିଷେଧ କରିବାକୁ ଷ୍ଟାଣ୍ଡିଂ କମିଟି ଅବକାରୀ ବିଭାଗକୁ ସୁପାରିସ କରିଛି ।

# ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପରିବହନ ଲକ୍ଷ୍ୟ ସମୟ ପୂର୍ବରୁ ହାସଲ କରି ନୂତନ ରେକର୍ଡ଼ ସୃଷ୍ଟି କରିଛି



ଭୁବନେଶ୍ୱର : ପୂର୍ବ ତଟ ରେଳପଥ ୨୦ ମାର୍ଚ୍ଚ ୨୦୨୬ ସୁଦ୍ଧା ୨୭୫ ନିୟୁତ ଟନ୍ ପରିବହନ ଲକ୍ଷ୍ୟ ହାସଲ କରି ପଣ୍ୟ ପରିବହନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି, ଯାହା ନିର୍ଦ୍ଧାରିତ ସମୟର ୧୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରିଛି । ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଜୋନ୍‌ର ଦୃଢ଼ ପରିଚାଳନା ଦକ୍ଷତା ଏବଂ ଦେଶର ପଣ୍ୟ ପରିବହନରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରତିଫଳିତ କରୁଛି । ପୂର୍ବତଟ ରେଳପଥ ୨୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨୭୫.୬ ନିୟୁତ ଟନ୍ ପଣ୍ୟ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିର ୨୪୯.୬ ନିୟୁତ ଟନ୍ ସହିତ ତୁଳନା କଲେ ୧୦.୪% ଅଭିବୃଦ୍ଧି ଦର୍ଶାଉଛି । ଆଉ ଏକ ପ୍ରମୁଖ ସଫଳତା ସ୍ୱରୂପ, ପୂର୍ବ ତଟ ରେଳପଥ ୨୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨୫୦ ନିୟୁତ ଟନ୍ ଅନଲୋଡିଂ ଅତିକ୍ରମ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୨୩୬.୫ ନିୟୁତ ଟନ୍ ଅନଲୋଡିଂ ସଂଖ୍ୟା ତୁଳନାରେ ଯଥେଷ୍ଟ ଉନ୍ନତି ଆଣିଛି । ଏହି ସଫଳତା ସହିତ, ପୂର୍ବତଟ ରେଳପଥ ଲୋଡିଂ ଓ ଅନଲୋଡିଂ କାର୍ଯ୍ୟଦକ୍ଷତାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି, ଯାହା ମାଲ ପରିବହନକୁ ବୃଦ୍ଧି କରିବା ଏବଂ ଭାରତୀୟ ରେଳବାଇର ସାମଗ୍ରିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପ୍ରତି ଏହାର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ପଣ୍ୟ ପରିବହନରେ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଏହାର ଆଭ୍ୟନ୍ତରୀଣ ଅଂଚଳରେ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରେ । ନିରନ୍ତର ତଦାରଖ, ଅଭିନବ କାର୍ଯ୍ୟକ୍ଷମ ଅଭ୍ୟାସ ଏବଂ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏହି ମାଇଲଖୁଂଟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ପୂର୍ବ ତଟ ରେଳପଥ ପଣ୍ୟ ପରିବହନରେ, ବିଶେଷ କରି କୋଇଲା, ଲୁହାପଥର, ଇସ୍ପାତ ଏବଂ ଅନ୍ୟାନ୍ୟ ବଲ୍କ ସାମଗ୍ରୀ ଗୁଡିକରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି, ଯାହା ଦେଶର ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରୁଛି ।

# ଭୁବନେଶ୍ୱରରେ ତିଆରି ହେବ ୩୭ଟି ନୂଆ ରାସ୍ତା : ମନ୍ତ୍ରୀ



ଭୁବନେଶ୍ୱର: ଭୁବନେଶ୍ୱର ସହରର ବଢୁଥିବା ଭିଡ଼ ଏବଂ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି । ଆସନ୍ତା ୫୦ ବର୍ଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୩୭ଟି ନୂଆ ରାସ୍ତା ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏଥିମଧ୍ୟରେ ନୂଆ ରିଙ୍ଗ୍ ରୋଡ୍ ଏବଂ ଫ୍ଲାଏ ଓଭର ସାମିଲ ଅଛି । ପର୍ଯ୍ୟାୟରେ ୨୦ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା କାମକୁ ପ୍ରାଥମିକତା ଦିଆଯିବ । ସାଲିଆସାହିରୁ ଚୁନୋକୋଲି ବସ୍ତିକୁ ସଂଯୋଗ କରୁଥିବା ରାସ୍ତା ଆସନ୍ତା ୧୫ ଦିନ ମଧ୍ୟରେ ଶେଷ ହେବ । ବାରଙ୍ଗରୁ ଜଟଣୀ ପର୍ଯ୍ୟନ୍ତ ୩୮ କିଲୋମିଟର ଲମ୍ବା ରାସ୍ତା ତିଆରି ହେବ । ଏହା ଭୁବନେଶ୍ୱର, କଟକ ଓ ଜଟଣୀ ମଧ୍ୟରେ ଏକ 'ମିନି ରିଙ୍ଗ୍ ରୋଡ୍' ଭଳି କାମ କରିବ । କଳିଙ୍ଗ ଷ୍ଟୁଡିଓ ଛକରୁ ହସ୍ପିଟାଲ ଏବଂ ଖଣ୍ଡଗିରିରୁ ଗଣ୍ଡମୁଣ୍ଡା ପର୍ଯ୍ୟନ୍ତ ରାସ୍ତାରେ ରକ୍ଷରଙ୍ଗବସ୍ତ୍ରରୟ ଉକ୍ଟକ୍ସକ୍ରସୟକ୍ଟକ୍ସ ନିର୍ମାଣ ହେବ । ସହର ବାହାରେ ୧୪୦ କିଲୋମିଟର ବିଶିଷ୍ଟ ଏକ ବିରାଟ ରିଙ୍ଗ ରୋଡ୍ ତିଆରି ହେବ । ଯାହାଫଳରେ ଭାରୀ ଗାଡ଼ିଗୁଡ଼ିକ ସହର ଭିତରକୁ ନଆସି ବାହାରେ ବାହାରେ ଯାଇପାରିବେ । ଏଜି ଛକରେ ଅଣ୍ଡରପାସ୍, ଏମ୍ସ ପାଖ ରାସ୍ତାର ପ୍ରଶସ୍ତିକରଣ ଏବଂ ପଟିଆ, ଇନଫୋସିଟି ଓ କିଟ୍ ଅଂଚଳରେ ଉତମ ସଂଯୋଗୀକରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ପୂର୍ବ ଅପେକ୍ଷା ରାଜଧାନୀରେ ବଢିଛି ଲୋକ ସଂଖ୍ୟା । ନୂଆ ନୂଆ ବ୍ୟବସାୟିକ ପ୍ରତିଷ୍ଠାନ, ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ଯୋଗୁଁ ରାସ୍ତାରେ ଭିଡ଼ ବଢ଼ିଛି । ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଛି । ସହରକୁ ଭିଡ ମୁକ୍ତ କରିବାକୁ ଏହି ଜୋଜନା କରୁଛନ୍ତି ରାଜ୍ୟ ସରକାର ।

# ସର୍ବଭାରତୀୟ ବେସାମରିକ ଭଲିବଲ୍ ଟୁର୍ଣ୍ଣାମେଂଟରେ ଓଡ଼ିଶା ଦଳର ବିଜୟ ଯାତ୍ରା



ଭୁବନେଶ୍ୱର : ସର୍ବଭାରତୀୟ ବେସାମରିକ ଭଲିବଲ୍ ଟୁର୍ଣ୍ଣାମେଂଟରେ ଓଡିଶା ଦଳ ନିଜର ବିଜୟ ଯାତ୍ରା ଆରମ୍ଭ କରିଛି । ଓଡିଶା ଦଳ ଉତରାଖଣ୍ଡକୁ ୨-୦ ସେଟରେ ପରାସ୍ତ କରି ଏହାର ବିଜୟ ଯାତ୍ରା ଆରମ୍ଭ କରିଛି । ଟିମର କୋଚ ଶ୍ରୀ ପ୍ରକାଶ ଚନ୍ଦ୍ର ରଥଙ୍କ ପ୍ରତ୍ୟକ୍ଷ ତତ୍ୱବଧାନରେ ଦଳ ଏହି ବିଜୟ ହାସଲ କରିଛି । ଆସନ୍ତାକାଲି ଓଡିଶା ଦଳ ମହାରାଷ୍ଟ୍ରକୁ ଭେଟିବ । ଦିଲ୍ଲୀର ପିତାମ୍ପୁରାଠାରେ ଚଳିତ ୨୦ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ଭଲିବଲ୍ ଟୁର୍ଣ୍ଣାମେଂଟ ଆୟୋଜନ କରାଯାଉଛି । ଏହି ଟୁର୍ଣ୍ଣାମେଂଟରେ ଯୋଗଦେବା ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ୍ ଭଲିବଲ୍ ଟିମ୍‌ର ସଦସ୍ୟମାନେ ଦିଲ୍ଲୀ ଯାତ୍ରା କରିଛନ୍ତି । ଏହି ଦଳରେ ପ୍ରଶିକ୍ଷକ ଓ ମ୍ୟାନେଜରଙ୍କୁ ମିଶାଇ ମୋଟ ୧୬ ଜଣ ସଦସ୍ୟ ଯାତ୍ରା କରିଛନ୍ତି । କେନ୍ଦ୍ରୀୟ ସିଭିଲ୍ ସର୍ଭିସ୍ ସାଂସ୍କୃତିକ ଓ କ୍ରୀଡ଼ା ବୋର୍ଡ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗୀତାରେ ଦେଶର ସମସ୍ତ ରାଜ୍ୟର ସିଭିଲ୍ ସର୍ଭିସ୍ ଟିମ୍ ଭାଗନେଉଛନ୍ତି । ଓଡ଼ିଶା ପକ୍ଷରୁ ଏହି ଟୁର୍ଣ୍ଣାମେଂଟରେ ଶ୍ରୀ ଚନ୍ଦନ କୁମାର ମଣ୍ଡଳ, ଶ୍ରୀ ନାରାୟଣ ଦାସ, ଶ୍ରୀ ଜଳେନ୍ଦ୍ର କୁମାର ପ୍ରିବକା, ଶ୍ରୀ ଅକ୍ଷୟ କୁମାର ମିଶ୍ର, ଶ୍ରୀ ଆଶୁତୋଷ ତ୍ରିପାଠୀ, ଶ୍ରୀ ପ୍ରକାଶ ଚନ୍ଦ୍ର ବେହେରା, ଶ୍ରୀ ଆଶିଷ ବେହେରା, ଶ୍ରୀ ଜଗନ୍ନାଥ ପ୍ରସାଦ ବଳ, ଶ୍ରୀ ପାର୍ଥସାରଥି ଜେନା, ଶ୍ରୀ ରଶ୍ମିରଞ୍ଜନ ଦାସ, ଶ୍ରୀ ଅବିନାଶ ଜେନା, ଶ୍ରୀ ବିଚିତ୍ର ପ୍ରଧାନ, ଶ୍ରୀ ରାଜେଶ ସେନାପତି ପ୍ରମୁଖ ଯୋଗ ଦେଇଛନ୍ତି । ଏହି ଦଳରେ ପ୍ରଶିକ୍ଷକ ଭାବେ ଶ୍ରୀ ପ୍ରକାଶ ଚନ୍ଦ୍ର ରଥ ଏବଂ ମ୍ୟାନେଜର ଭାବେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ ଖେଳାଳୀମାନଙ୍କ ସହ ଅଛନ୍ତି ।

# ଫିଫା ବିଶ୍ୱକପ; ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଂଟିନାର ନେତୃତ୍ୱ ନେବେ ମେସି



ନୂଆଦିଲ୍ଲୀ : ଆଗାମୀ ଫିଫା ବିଶ୍ୱକପ୍ ପୂର୍ବ ପ୍ରସ୍ତୁତି ପାଇଁ ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଂଟିନା ଯଥାକ୍ରମେ ଜାମ୍ବିଆ ଓ ମରିସିଆନା ବିପକ୍ଷରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ । ଉଭୟ ମ୍ୟାଚରେ ପ୍ରସିଦ୍ଧ ଖେଳାଳି ଲିଓନେଲ ମେସି ଦଳର ନେତୃତ୍ୱ ନେବେ । ଆର୍ଜେଂଟିନା ଦଳ ୨୭ ତାରିଖରେ ମରିସିଆନା ଓ ୩୧ ତାରିଖରେ ଜାମ୍ବିଆକୁ ଭେଟିବ । ଉଭୟ ମ୍ୟାଚ୍ ଆର୍ଜେଂଟିନାର ଘରୋଇ ଗ୍ରାଉଣ୍ଡ୍‌ରେ ଖେଳାଯିବ । ସୂଚନାଯୋଗ୍ୟ, ଚଳିତ ମାସରେ ଆର୍ଜେଂଟିନା ଓ ସ୍ପେନ ମଧ୍ୟରେ ଫିନାଲେସିମା ମୁକାବିଲା ଖେଳାଯିବାର ଥିଲା । ଆର୍ଜେଂଟିନା କୋପା ଆମେରିକା କପ୍ ଓ ସ୍ପେନ ୟୁରୋ କପ ଚାମ୍ପିଅନ ହୋଇଥିଲେ । କତାର ରାଜଧାନୀ ଦୋହାରେ ଏହି ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା । ମାତ୍ର ମଧ୍ୟ ପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧକୁ ନେଇ କତାର ଏହି ମ୍ୟାଚ ଆୟୋଜନ କରିବାକୁ ଅସମର୍ଥ ଥିବା ସ୍ପଷ୍ଟ କରିଥିଲା । ପରେ ୟୁଇଏଫ୍ଏ ଓ କନ୍ମେବଲ ମିଳିତ ଭାବେ ନୂଆ ସ୍ଥାନ ଚୟନ କରିଥିଲେ । ମାତ୍ର ଆର୍ଜେଂଟିନା ଦଳ ଏଥିରେ ରାଜି ହୋଇ ନଥିଲା । ପରେ ୟୁଇଏଫ୍ଏ ଓ କନମେବଲ ଉକ୍ତ ମ୍ୟାଚ ପାଇଁ ନୂଆ ତାରିଖ ପ୍ରସ୍ତୁତ କରିଥିଲେ ଓ ସ୍ପେନ୍ ବ୍ୟସ୍ତପୂର୍ଣ୍ଣ କାର୍ଯ୍ୟସୂଚୀ ଦର୍ଶାଇ ଓହରି ଯାଇଥିଲା । ଶେଷରେ ଏହି ମ୍ୟାଚକୁ ବାତିଲ କରିବାକୁ ନିଷ୍ପତି ନିଆଯାଇଥିଲା । ଫିନାଲେସିମା ବାତିଲ ହେବାରୁ ଏହି ସମୟରେ ଆର୍ଜେଂଟିନା ଘରୋଇ ଗ୍ରାଉଣ୍ଡ୍ରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ନିଷ୍ପତି ନେଇଛି ।

# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ଆକାଶ ଦୀପ୍



କୋଲକାତା: ଆଇପିଏଲ୍ ଆରମ୍ଭ ହେବାକୁ ଆଉ ମାତ୍ର ହାତଗଣତି ଦିନ ଥିଲା ବେଳେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ପାଇଁ ଦ୍ରୁତ ବୋଲର ସମସ୍ୟା ଦେଖାଦେଲାନି । ଏହାର ତାରକା ବୋଲର ହର୍ଷିତ ରାଣା ଆହତ କାରଣରୁ ବାଦ୍ ପଡ଼ିଥିଲା ବେଳେ ମଥୀଶା ପଥିରଣା ଏବେ ଶ୍ରୀଲଙ୍କା କ୍ରିକେଟ୍‌ର ଅନୁମତି ଅପେକ୍ଷାରେ ଅଛନ୍ତି । ଏହା ଭିତରେ ଦଳକୁ ଆଉ ଏକ ଝଟ୍‌କା ଲାଗିଛି । ଏହି ଦଳରେ ଥିବା ଭାରତୀୟ ଦ୍ରୁତ ବୋଲର ଆକାଶ ଦୀପ ଆହତ କାରଣରୁ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି । ଏହି ୨୯ ବର୍ଷୀୟ ବେଙ୍ଗଲ ଦ୍ରୁତ ବୋଲରଙ୍କୁ ଆବୁଧାବିରେ ହୋଇଥିବା ମିନି ନିଲାମରେ କେକେଆର ୧ କୋଟି ଟଙ୍କାରେ କିଣିଥିଲା । କେକେଆରର ଅଭ୍ୟାସ ଶିବିର କୋଲ୍‌କାତାରେ ଚଳିତ ମାସ ୧୮ ତାରିଖରୁ ଆରମ୍ଭ ହୋଇଥିଲେ ମଧ୍ୟ ଆକାଶ ଦୀପ ଯୋଗ ଦେଇନାହାନ୍ତି । ସଂପ୍ରତି ବେଙ୍ଗାଲୁରୁସ୍ଥିତ ଉତ୍କର୍ଷ କେନ୍ଦ୍ର (ସିଓଇ)ଠାରେ ସେ ପୁନର୍ବାସରେ ଅଛନ୍ତି । ସେ କେବେ ସୁସ୍ଥ ହେବେ ଅନିର୍ଶ୍ଚିତତାରେ ଥିବାରୁ ଦଳରୁ ବାଦ୍ ପଡ଼ିଛନ୍ତି । ତଥାପି 'ସିଓଇ' ସହ କେକେଆର ଯୋଗାଯୋଗରେ ରହିଛି । ଲଗାତାର ଆହତ ଜନିତ ସମସ୍ୟା ଯୋଗୁଁ ଆକାଶ ଦୀପ ଜାତୀୟ ଦଳ ସହ ଆଇପିଏଲ୍ ଫ୍ରାଂଚାଇଜିର ମ୍ୟାଚ୍ ଖେଳିବାରୁ ବଂଚିତ ହେଉଛନ୍ତି । ୨୦୨୨ରେ ଆଇପିଏଲ୍‌ପଦାର୍ପଣ କରିଥିବା ଆକାଶ ଦୀପ ମାତ୍ର ୧୪ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲା ବେଳେ ୧୦ ୱିକେଟ୍ ଅକ୍ତିଆର କରିଛନ୍ତି । ଗତ ସଂସ୍କରଣରେ ଲକ୍ଷ୍ନୌ ସୁପର ଜାଏଂଟ୍‌ସ ତାଙ୍କୁ ୮ କୋଟି ଟଙ୍କାରେ କିଣିଥିଲା । ହେଲେ ଏହି ଦଳ ଗୋଟିଏ ଋତୁ ପରେ ତାଙ୍କୁ ଛାଡ଼ି ଦେଇଥିଲା । କେକେଆର ମାର୍ଚ୍ଚ ୨୯ ତାରିଖରେ ୱାଙ୍ଖ୍‌ଡ଼େରେ ଘରୋଇ ଦଳ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳି ଆଇପିଏଲ୍ ଆରମ୍ଭ କରିବ । ଏହା ପୂର୍ବରୁ ଦଳ ହର୍ଷିତ ଓ ଆକାଶ ଦୀପଙ୍କ ବିକଳ୍ପ ସନ୍ଧାନରେ ଅଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**